# ଏମ୍‌ସିଏଚ୍ ଗୃହ ନିର୍ମାଣରେ ଅନିୟମିତତା

**ଯାଜପୁର,୮।୧୦(ହର୍ଷବର୍ଦ୍ଧନ ବେହେରା):**

- ଓଏମ୍‌ବିଏଡିସି, ରାଜ୍ୟ ସରକାରଙ୍କ ପାଣ୍ଠିରୁ ୧୦୪.୧୧ କୋଟି ମଞ୍ଜୁର
- ନିର୍ଦ୍ଧାରିତ ସମୟ ପରେ ବି କାମ ଅସମ୍ପୂର୍ଣ୍ଣ
- ଡାକ୍ତରୀ ଛାତ୍ରୀଛାତ୍ରଙ୍କ ନାମଲେଖାରେ ବିଳମ୍ବ

କେନ୍ଦ୍ର ସରକାରଙ୍କ ସ୍ୱତନ୍ତ୍ର ଯୋଜନା ଚ୍ୟାଲେଞ୍ଜିଂ ମୋଡ୍‌ରେ ଯାଜପୁର ଜିଲାରେ ସରକାରୀ ମେଡିକାଲ କଲେଜ ଓ ଅଧାପନା ଡାକ୍ତରଖାନା ଗୃହ ନିର୍ମାଣ ପ୍ରାୟ ଅନ୍ତିମ ସୋପାନରେ ପହଞ୍ଚିଛି। ଏଥିପାଇଁ ଆବଶ୍ୟକ ଗୃହ ଓ ଅନ୍ୟାନ୍ୟ କାର୍ଯ୍ୟ କରିବାକୁ ପ୍ରାୟ ୫ଶହ କୋଟି ଟଙ୍କା ମଞ୍ଜୁର ହୋଇଛି। ଏହିକ୍ରମରେ ଆସନ୍ତା ଶିକ୍ଷା ବର୍ଷରେ ୧୫୦ ସିଟ୍ ବିଶିଷ୍ଟ ଏହି ମେଡିକାଲ କଲେଜରେ ନାମଲେଖା ଆରମ୍ଭ ହେବ ବୋଲି ସୂଚନା ମିଳିଛି। କିନ୍ତୁ ଏହି ମେଡିକାଲ କଲେଜ ପରିସରରେ ପୁଣି ଓଡ଼ିଶା ମିନେରାଲ ବିଅରିଂ ଏରିଆ ଡେଭଲପମେଣ୍ଟ କର୍ପୋରେଶନ ବା ଓଡ଼ିଶା ଖଣିଜ ପଦାର୍ଥ ଧାରକ ଅଞ୍ଚଳ ଉନ୍ନୟନ ନିଗମ(ଓଏମ୍‌ବିଏଡିସି) ପାଣ୍ଠିରୁ ୬୫.୩୨ କୋଟି ଓ ରାଜ୍ୟ ସରକାରଙ୍କ ପାଣ୍ଠିରୁ ୩୮.୭୯ କୋଟି ଟଙ୍କାକୁ ମିଶାଇ ସମୁଦାୟ ୧୦୪.୧୧ କୋଟି ଟଙ୍କା ଅତିରିକ୍ତ ଭାବେ ଖର୍ଚ୍ଚ କରାଯାଇଛି। ଏହି ପାଣ୍ଠିରେ ପାଣିକୋଇଲି ଆର୍ ଏଣ୍ଡ ବି ତଥା ପୂର୍ତ୍ତ ଡିଭିଜନ ପକ୍ଷରୁ ୧୫୦ ବେଡ୍ ବିଶିଷ୍ଟ ମ୍ୟାଟର୍ନିଟି ଆଣ୍ଡ ଚାଇଲ୍ଡ ହେଲଥ(ଏମ୍‌ସିଏଚ୍) ଗୃହ ନିର୍ମାଣ ହେଉଛି। ରାଞ୍ଚିର ଏକ ଠିକାସଂସ୍ଥା ବି.ପି. କନ୍‌ଷ୍ଟ୍ରକ୍ସନ ଏହାର ନିର୍ମାଣ ଦାୟିତ୍ୱ ନେଇଛି। ଏହି ନିର୍ମାଣ କାର୍ଯ୍ୟ ୨।୫।୨୦୨୨ରେ ଆରମ୍ଭ ହୋଇ ୩୧।୩।୨୦୨୪ରେ ଶେଷ ହେବା କଥା। କିନ୍ତୁ ଏଯାଏ ମାତ୍ର ୬୦ ପ୍ରତିଶତ କାର୍ଯ୍ୟ ହୋଇଛି। ଫଳରେ ନିର୍ଦ୍ଧାରିତ ସମୟରେ ମେଡିକାଲ କଲେଜ ଆରମ୍ଭ ହୋଇପାରିନାହିଁ। ଏପରି କି ଏହି ପ୍ରକଳ୍ପର ଫାଟକ ସମ୍ମୁଖରେ ସ୍ଥାନୀୟ କେତେଜଣ ଲୋକଙ୍କୁ ମୁତୟନ କରାଯାଇଛି। ପ୍ରକଳ୍ପର ଫଟୋ ଉଠାଇବାକୁ ମନା କରାଯାଉଥିବା ବେଳେ କାହାରିକୁ ଭିତରକୁ ଛଡାଯାଉ ନାହିଁ। ଜିଲାବାସୀଙ୍କୁ ଅନ୍ଧାରରେ ରଖି ବିନା ସୂଚନା ଫଳକରେ ସେହି କାମ ଚାଲିଛି। ସେହି ପ୍ରକଳ୍ପରେ ଆବଶ୍ୟକ ଓ ଉପଯୁକ୍ତ ନିର୍ମାଣ ସାମଗ୍ରୀ ବ୍ୟବହାର ହେଉ ନ ଥିବା ସନ୍ଦେହ କରାଯାଉଛି। ଦାୟିତ୍ୱରେ ଥିବା ଅଣଓଡିଆ ଠିକାସଂସ୍ଥା ଓ ବିଭାଗୀୟ କେତେଜଣ ଯନ୍ତ୍ରୀ ମିଳିମିଶି ପ୍ରକଳ୍ପର ସିଂହଭାଗ ଅର୍ଥକୁ ବାଟମାରଣା କରିବାକୁ


ଯାଜପୁର ମେଡିକାଲ କଲେଜ ପରିସରରେ ନିର୍ମାଣାଧୀନ ଏମ୍‌ସିଏଚ୍ ବିଲ୍‌ଡିଂ।

ଏଭଳି ଷଡ଼ଯନ୍ତ୍ର ହେଉଥିବା ସାଧାରଣରେ ଚର୍ଚ୍ଚା ହେଉଛି।

ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ବିଭିନ୍ନ ଯୋଜନାରେ ମେଡିକାଲ କଲେଜ ଗୃହ ଏବଂ ଅନ୍ୟାନ୍ୟ ଭିତ୍ତିଭୂମି ନିର୍ମାଣ ପାଇଁ ବିପୁଳ ପାଣ୍ଠି ମହଜୁଦ ରହିଥିଲେ ହେଁ ଖଣି ପ୍ରଭାବିତ ଅଞ୍ଚଳବାସୀଙ୍କ ପାଇଁ ଉଦ୍ଦିଷ୍ଟ ଓଏମ୍‌ବିଏଡିସି ପାଣ୍ଠି କାହିଁକି ବିନିଯୋଗ ହେଉଛି ବୋଲି ସାଧାରଣରେ ମତପ୍ରକାଶ ପାଇଛି। ବିଭାଗୀୟ ରିପୋର୍ଟ ଅନୁସାରେ ଓଏମ୍‌ବିଏଡିସି ପାଣ୍ଠିରେ ଏମ୍‌ସିଏଚ୍ ପ୍ରକଳ୍ପର ବିଲ୍ଡିଂ ନିର୍ମାଣ ଶେଷ ହୋଇଥିବାବେଳେ ଟାଇଲ ପକାଇବା ଓ ରଙ୍ଗ କାମ ଚାଲିଛି। କାର୍ଯ୍ୟର ଅହେତୁକ ବିଳମ୍ବ ଯୋଗୁ ସଂପୃକ୍ତ ଠିକାସଂସ୍ଥାକୁ ତାଗିଦା କରାଯାଇଛି। କିନ୍ତୁ ଠିକାସଂସ୍ଥା କାହାରି ନିର୍ଦ୍ଦେଶକୁ ନ ମାନି ଅତି ନିମ୍ନମାନର କାମ କରୁଥିବା ଅଭିଯୋଗ ହେଉଛି। ଓଏମ୍‌ବିଏଡିସି ଅର୍ଥକୁ ମୁଖ୍ୟତଃ ବୋର୍ଡ ଅଫ୍ ଡାଇରେକ୍ଟର ଏବଂ ଓଭରସାଇଟ୍ ଅଥରିଟିଙ୍କ ଅନୁମୋଦନ ନେଇ ୭ଟି କ୍ଷେତ୍ରରେ ବ୍ୟୟ କରାଯିବା ପାଇଁ ସ୍ଥିର କରାଯାଇଛି। ଏଥିରେ ପାନୀୟ ଜଳ ଯୋଗାଣ, ଶିକ୍ଷା(ପ୍ରଶିକ୍ଷଣ ଏବଂ କୌଶଳ ବିକାଶ), ସ୍ୱାସ୍ଥ୍ୟ(ଅଙ୍ଗନୱାଡି କେନ୍ଦ୍ର ସମେତ), ଜୀବନ ଜୀବିକା, ଗ୍ରାମ୍ୟ ସଂଯୋଗୀକରଣ, ପରିବେଶ ସୁରକ୍ଷା ଓ ପ୍ରଦୂଷଣ ନିୟନ୍ତ୍ରଣ, ଜଳ ସଂରକ୍ଷଣ ଓ ଭୂତଳ ଜଳ ରିଚାର୍ଜ ଆଦି ପ୍ରକଳ୍ପ ରହିଛି। ଖଣି ଖନନ ଦ୍ୱାରା ପ୍ରଦୂଷଣ ଓ ପରିବେଶଗତ ସମସ୍ୟାର ସମ୍ମୁଖୀନ ହେଉଥିବା ଅନୁନ୍ନତ ସୁକିନ୍ଦା ବ୍ଲକ ଅଞ୍ଚଳର ବିକାଶ ପାଇଁ ଓଏମ୍‌ବିଏଡିସି ପାଣ୍ଠି ସର୍ବାଧିକ ଖର୍ଚ୍ଚ କରାଯାଉ ନାହିଁ। ଏବେ ବି ତୁମୁଣି, ଗୁହିଆଶାଳ ଗ୍ରାମକୁ ରାସ୍ତା ସଂଯୋଗୀକରଣ ହୋଇପାରିନାହିଁ। ସାଧାରଣରେ ଥିବା ଏହି ଅନିୟମିତତାର ସନ୍ଦେହ ଉପରେ ଏକ ଉଚ୍ଚସ୍ତରୀୟ ନିରପେକ୍ଷ ତଦନ୍ତ କରାଗଲେ ବାସ୍ତବ ତଥ୍ୟ ଲୋକଲୋଚନକୁ ଆସିପାରିବ ବୋଲି ଦାବି ଉଠିଛି।

ଏ ସଂକ୍ରାନ୍ତରେ ମେଡିକାଲ କଲେଜର ଅଧକ୍ଷ ସୀତାରାମ ମହାପାତ୍ରଙ୍କୁ ପଚାରିବାରୁ ସେ କହିଛନ୍ତି, ଏଯାଏ ମାତ୍ର ୨ ଜଣ ମେଡିକାଲ ଛାତ୍ରଙ୍କ ନାମଲେଖା ସରିଛି। ଆସନ୍ତା ୨୩ ତାରିଖ ସୁଦ୍ଧା କାଉନ୍‌ସେଲିଂ କରାଯାଇ ବାକି ଛାତ୍ରୀଛାତ୍ରଙ୍କ ନାମ ଲେଖା ପ୍ରକ୍ରିୟା ଆରମ୍ଭ ହେବ। ମେଡିକାଲ କଲେଜ ଗୃହ ନିର୍ମାଣ ଦାୟିତ୍ୱରେ ଥିବା ପୂର୍ତ୍ତ ବିଭାଗର ଯାଜପୁର ସହକାରୀ ନିର୍ବାହୀ ଯନ୍ତ୍ରୀ ଭାଗବାନ ସାହୁଙ୍କୁ ଏ ସଂକ୍ରାନ୍ତରେ ପଚାରିବାରୁ ସେ କୁହନ୍ତି, ଗାଇଡ୍‌ଲାଇନ ଅନୁଯାୟୀ କାମ ହେଉଛି। ଏଥିରେ କୌଣସି ଅନିୟମିତତା ହେଉନାହିଁ। ପ୍ରକଳ୍ପ କାର୍ଯ୍ୟ ସରିବା ପରେ ସ୍ୱାସ୍ଥ୍ୟ ବିଭାଗକୁ ହସ୍ତାନ୍ତର କରାଯିବ।

# ନବନିଯୁକ୍ତ ୯୮ ଶିକ୍ଷକଙ୍କୁ ଶୁଭେଚ୍ଛା ଜଣାଇଲେ ବିଧାୟକ


ନବନିଯୁକ୍ତ ଶିକ୍ଷୟିତ୍ରୀଙ୍କୁ ବିଧାୟକ ନିଯୁକ୍ତିପତ୍ର ପ୍ରଦାନ କରୁଛନ୍ତି।

**ଧର୍ମଶାଳା,୮।୧୦(ବଟକୃଷ୍ଣ ପରିଡ଼ା):**

ଧର୍ମଶାଳା ବ୍ଲକରେ ୯୮ କନିଷ୍ଠ ଶିକ୍ଷୟିତ୍ରୀଶିକ୍ଷକଙ୍କୁ ନିଯୁକ୍ତି ମିଳିଛି। ଏହି ଶିକ୍ଷୟିତ୍ରୀଶିକ୍ଷକଙ୍କୁ ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁ ନିଯୁକ୍ତିପତ୍ର ପ୍ରଦାନ କରିବା ସହିତ ପୁଷ୍ପଗୁଚ୍ଛ ଓ ଉପଢ଼ୌକନ ପ୍ରଦାନ କରି ଶୁଭେଚ୍ଛା ଜଣାଇଛନ୍ତି। ଏଥିସହିତ ସେ କହିଛନ୍ତି, ମୋହନ ସରକାରରେ ଶିକ୍ଷା ଓ ଶିକ୍ଷକଙ୍କ ବିକାଶ ଘଟିବ। ଶିକ୍ଷକଙ୍କ ସବୁ ସମସ୍ୟା ଦୂର ହେବ। ଆପଣ ଜଣେ ଜଣେ ମଣିଷ ଗଢ଼ା ଶିଳ୍ପୀ। ଶିଶୁମାନଙ୍କୁ ଉତ୍ତମ ମଣିଷ ଭାବେ ଗଢି ତୋଳିବା ଦାୟିତ୍ୱ ଆପଣମାନଙ୍କ କାନ୍ଧରେ ନ୍ୟସ୍ତ ହେଲା। ପରେ ନିଯୁକ୍ତି ପାଇଥିବା ଶିକ୍ଷୟିତ୍ରୀଶିକ୍ଷକ ସେମାନଙ୍କ ଚାକିରି ଜୀବନର ଉତ୍ସାହ ପରିପ୍ରକାଶ କରିଥିଲେ। ଏବିଇଓ ମମିତା ମହାନ୍ତି ସଭା ପରିଚାଳନା କରିଥିଲେ। ଏଥିରେ ୧୯ କ୍ଲଷ୍ଟରର ସିଆରସିସି ଉପସ୍ଥିତ ଥିଲେ। ଜାରକା ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ ସୁରେନ୍ଦ୍ର ବେହେରା ଧନ୍ୟବାଦ ଦେଇଥିଲେ।

# କେନାଲରୁ ଯୁବକଙ୍କ ମୃତଦେହ ଜବତ

**ଛତିଆ,୮।୧୦(ସୌମ୍ୟ ରଞ୍ଜନ ସାହୁ):**

ଯାଜପୁର ଜିଲା ବୈରୀ ଥାନା ଅଧୀନ ନେଳିଆ ପଞ୍ଚାୟତ କାର୍ଯ୍ୟାଳୟ ନିକଟରେ ଥିବା ଏକ କେନାଲରୁ ମଙ୍ଗଳବାର ଜଣେ ଯୁବକଙ୍କ ମୃତଦେହ ଜବତ କରିଛି ପୋଲିସ। ମୃତ ଯୁବକ ଗଜପତି ଜିଲା ପାରଳାଖେମୁଣ୍ଡି ଥାନା ଅନ୍ତର୍ଗତ ଗୁରାଣ୍ଡି ଗ୍ରାମର ଅମର ରାଉତ ବୋଲି ଜଣାପଡ଼ିଛି। ସେ ଏକ ହୋଟେଲରେ କାର୍ଯ୍ୟ କରୁଥିଲେ। ସକାଳୁ ଉକ୍ତ କେନାଲରେ ମୃତଦେହ ଭାସୁଥିବା ସ୍ଥାନୀୟ ଲୋକେ ଦେଖି ପୋଲିସକୁ ଖବର ଦେଇଥିଲେ। ବୈରୀ ଥାନା ଅଧିକାରୀ ଶରତ କୁମାର ନାୟକ, ଛତିଆ ବିଟ ହାଉସ ଅଧିକାରୀ ମହେନ୍ଦ୍ର ସେଠୀ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଛନ୍ତି।

# ରାଉତରାପୁର ପଞ୍ଚାୟତରେ ଜନଶୁଣାଣି


ଶିବିରରେ ଲୋକେ ଅଭିଯୋଗ କରୁଛନ୍ତି।

**ବ୍ରହ୍ମବରଦା,୮।୧୦(ଯଯାତି କେଶରୀ ବେହେରା):**

ରସୁଲପୁର ବ୍ଲକ୍ ଅଧୀନ ରାଉତରାପୁର ପଞ୍ଚାୟତ କାର୍ଯ୍ୟାଳୟରେ ପଞ୍ଚାୟତସ୍ତରୀୟ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ବିଡିଓ ଅବନିକାନ୍ତ ସାହୁଙ୍କ ଉପସ୍ଥିତିରେ ୨୧୨ ଅଭିଯୋଗର ଶୁଣାଣି କରାଯାଇଛି। ସେଥିମଧ୍ୟରୁ ୧୫୦ ପ୍ରଧାନମନ୍ତ୍ରୀ ଆବାସ, ବାର୍ଦ୍ଧକ୍ୟ ଭତ୍ତା ୪୪ ଓ ରାଶନ କାର୍ଡ ପାଇଁ ୪୩ ଅଭିଯୋଗ ରହିଛି। ରାଉତରାପୁର ଅଞ୍ଚଳରେ ବେଆଇନ ବାଲିଘାଟକୁ ନେଇ ଗ୍ରାମବାସୀଙ୍କ ପକ୍ଷରୁ ସାମୂହିକ ଅଭିଯୋଗ କରାଯାଇଛି। ସେହିପରି ରେଡକ୍ରସରୁ ସହାୟତା ପାଇଁ ୧୦ ଜଣ ଆବେଦନ କରିଛନ୍ତି। ଏହି ଜନଶୁଣାଣିରେ ରସୁଲପୁର ତହସିଲଦାର ନିରଞ୍ଜନ ସାହୁ, ଏବିଡିଓ ଦିବ୍ୟକାନ୍ତି ମିଶ୍ର, ବ୍ଲକ୍ ସାମାଜିକ ସୁରକ୍ଷା ଅଧିକାରୀ ମିନତି ରାଉତ, ଯୋଗାଣ ନିରୀକ୍ଷକ ଟୁନାରାଣୀ ସାହୁ, ମଣ୍ଡଳ ଶିକ୍ଷା ଅଧିକାରୀ ନୀଳାମ୍ବର ମିଶ୍ର, ଆରଡବ୍ଲ୍ୟୁଏସ୍ଏସ୍‌ର ଅଧିକାରୀ ମାନସୀ ରାଉତ, ସ୍ୱାଗତିକା ପଟ୍ଟନାୟକ, ବିଆରସିସି ଅପର୍ଣ୍ଣା ମଲ୍ଲିକ, ଯନ୍ତ୍ରୀ ଅନିତା ବେହୁରିଆ, ଏପିଓ ସୁଚିସ୍ମିତା ଜେନାଙ୍କ ସମେତ ସମସ୍ତ ବିଭାଗର ଅଧିକାରୀ ଉପସ୍ଥିତ ରହିଥିଲେ। ମାସର ପ୍ରଥମ ସୋମବାର ବ୍ଲକ୍‌ର ସମସ୍ତ ପଞ୍ଚାୟତରେ ମିଳିତ ଜନଶୁଣାଣି ହେବ ବୋଲି ବିଡିଓ ସୂଚନା ଦେଇଛନ୍ତି।

# ଗଜଲକ୍ଷ୍ମୀ ପୂଜା ପାଇଁ ବାଲିଚନ୍ଦ୍ରପୁର ଚଳଚଞ୍ଚଳ

**ଚଣ୍ଡିଖୋଲ,୮।୧୦(ପ୍ରଦୀପ୍ତ କୁମାର ପୃଷ୍ଟି):**

ଆସନ୍ତା ୧୬ ତାରିଖରେ ଗଜଲକ୍ଷ୍ମୀ ପୂଜା। ଯାଜପୁର ଜିଲା ବାଲିଚନ୍ଦ୍ରପୁର ବଜାର ଗଜଲକ୍ଷ୍ମୀ ପୂଜା ପାଇଁ ପ୍ରସିଦ୍ଧି ଲାଭ କରିଛି। ଦୀର୍ଘ ୬୦ ବର୍ଷ ତଳେ ଏଠାରେ ମା'ଙ୍କ ପୂଜା ଆରମ୍ଭ ହୋଇଥିଲା। ଗୋଟିଏ ଗଜଲକ୍ଷ୍ମୀଙ୍କ ପ୍ରତିମାରୁ ଏହା ବୃଦ୍ଧି ପାଇ ଏବେ ୨୦ରୁ ଉର୍ଦ୍ଧ୍ୱ ପ୍ରତିମା ବିଭିନ୍ନ ମଣ୍ଡପରେ ପୂଜା ପାଉଛନ୍ତି। ସେଥିପାଇଁ ଚଳଚଞ୍ଚଳ ହୋଇଛି ବାଲିଚନ୍ଦ୍ରପୁର ବଜାର। କାରିଗରମାନେ ଏବେ ମା'ଙ୍କ ମୂର୍ତ୍ତି ତିଆରିରେ ଲାଗିପଡିଛନ୍ତି। କେତେକ ମଣ୍ଡପରେ ମା'ଙ୍କ ମୂର୍ତ୍ତି 'ଏକମାଟିଆ ସରି ଦୋମାଟିଆ' କାର୍ଯ୍ୟ ଆରମ୍ଭ ହୋଇଛି। ଆଉ କେତେକ ସ୍ଥାନରେ ମା'ଙ୍କ ମୂର୍ତ୍ତିରେ ଖଡ଼ି ଦେବା ଆରମ୍ଭ ହୋଇଛି। ପୂଜାକୁ ଆଖି ଆଗରେ ରଖି ବିଭିନ୍ନ ମଣ୍ଡପର ସାଜସଜ୍ଜା ଚାଲିଛି। ରଙ୍ଗିନ ଆଲୋକରେ ଝଲସିବ ବିଭିନ୍ନ ପୂଜା ମଣ୍ଡପ। ଆନନ୍ଦ ଉଲ୍ଲାସରେ ସମସ୍ତେ ମା'ଙ୍କ ପୂଜାକୁ ଧୁମ୍‌ଧାମରେ ପାଳନ କରିବା ପାଇଁ ପ୍ରସ୍ତୁତ ହେଉଛନ୍ତି।

ବାଲିଚନ୍ଦ୍ରପୁର ବଜାରରେ ଗଜଲକ୍ଷ୍ମୀ ପୂଜା ଆରମ୍ଭକୁ ନେଇ ଏକ ରୋଚକ କାହାଣୀ ରହିଛି। ଦିନ ଥିଲା ମନୋରଞ୍ଜନର ଅନ୍ୟ କୌଣସି ଅତ୍ୟାଧୁନିକ ବ୍ୟବସ୍ଥା ନ ଥିଲା। ଲୋକେ ପାଲା,ଦାସକାଠିଆ ଦେଖୁଥିଲେ। ଆସ୍ତେ ଆସ୍ତେ ସେଥିରୁ ଲୋକେ ଦୂରେଇ ଯିବା ପରେ ଯାତ୍ରା ପାର୍ଟି ବା ଅପେରା ପ୍ରତି ଆକର୍ଷଣ ବଢ଼ିଲା। ପ୍ରତିବର୍ଷ କିପରି ଅପେରା ମଞ୍ଚସ୍ଥ ହେବ ସେଥିପାଇଁ ଲକ୍ଷ୍ମୀ ପୂଜା କରିବାକୁ ପୁରୁଖା ଲୋକମାନେ ଚିନ୍ତା କରିଥିଲେ। ସେହି ଯାତ୍ରା ପରିବେଷଣ ପାଇଁ ଗଜଲକ୍ଷ୍ମୀ ପୂଜା ଆରମ୍ଭ ହୋଇଥିଲା। ଧୀରେ ଧୀରେ ଏହା ବ୍ୟାପକ ହୋଇଛି। ଗୋଟାଏ ମଣ୍ଡପରୁ ବୃଦ୍ଧି ପାଇ ଏବେ ତାହା ଅନେକ ମଣ୍ଡପରେ ଚାଲିଛି। ହେଲେ ଦୁଃଖର କଥା ଯେଉଁ ଯାତ୍ରା ପରିବେଷଣ ପାଇଁ ପୂଜା ଆରମ୍ଭ ହୋଇଥିଲା ସେହି ଯାତ୍ରା କିନ୍ତୁ ଦୀର୍ଘ ୩୦ ବର୍ଷ ହେଲା ବନ୍ଦ ହୋଇସାରିଛି। ଧୀରେ ଧୀରେ ବଜାର ବଢିଲା, ରାସ୍ତା ଘାଟର ନବୀକରଣ ଓ ପ୍ରଶସ୍ତୀକରଣ କରାଗଲା। ଯେଉଁ ସ୍ଥାନରେ ଯାତ୍ରା ପେଣ୍ଡାଲ ହେଉଥିଲା ତାହା ଆଜି ନାହିଁ। ଧୀରେ ଧୀରେ ହଜି ଗଲାଣି ଯାତ୍ରା ପେଣ୍ଡାଲର ଚିହ୍ନ। ମଶାଲ ଓ ପେଟ୍ରୋମାକ୍ସ ଲାଇଟ୍‌ରେ ପୂଜା ଓ ଯାତ୍ରା ହେଉଥିଲା। ଏବେ ତାହା ବିଦ୍ୟୁତ୍ ଆଲୋକରେ ଝଲସୁଛି। ନଡିଆ ଗଛର ପତ୍ର ଓ ତାଳ ଗଛର ବରଡ଼ାରେ ନିର୍ମାଣ ହେଉଥିବା ମଞ୍ଚ, ଏବେ ନାନା ରଙ୍ଗର ଆଲୋକମାଳାରେ ସେହି ସ୍ଥାନ ହସୁଛି। କିନ୍ତୁ ପାରମ୍ପରିକ ନୀତିରେ ଚାଲିଥିବା ପୂଜା ସେହିଭଳି ଚାଲି ଆସିଛି ବୋଲି ସେହି ଅଞ୍ଚଳର ସାହି ମୁରବିମାନେ କହିଛନ୍ତି।


ଶିଳ୍ପୀ ମା' ଗଜଲକ୍ଷ୍ମୀଙ୍କ ମୂର୍ତ୍ତି ନିର୍ମାଣ କରୁଛନ୍ତି।

# କୁକୁଡ଼ା ଚାଷ ସମ୍ପର୍କିତ ସଚେତନତା ଶିବିର

**ରସୁଲପୁର,୮।୧୦(ରଂଜିତ ରାଉତ):**

ରସୁଲପୁର ବ୍ଲକ ପ୍ରାଣୀଧନ ଚିକିତ୍ସା ବିଭାଗ ପକ୍ଷରୁ ଭୋଟକା ପଞ୍ଚାୟତ ସମ୍ମିଳନୀ କକ୍ଷରେ ମଙ୍ଗଳବାର କୁକୁଡା ଚାଷ ସମ୍ପର୍କିତ ଏକ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ସରପଞ୍ଚ ସ୍ମୃତିରେଖା ରାଉତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶିବିରରେ ମୁଖ୍ୟଅତିଥି ଭାବେ ବ୍ଲକ ପ୍ରାଣୀଧନ ଚିକିତ୍ସା ଅଧିକାରୀ ସନ୍ଦୀପ୍ କୁମାର ବେହେରା ଯୋଗଦେଇ ଅଣ୍ଡାଦିଆ, ମାଂସାସୀ ଓ ଉଭୟ ମାଂସ ଓ ଅଣ୍ଡା ପ୍ରଦାନ କରୁଥିବା କୁକୁଡା ଚାଷ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। କୁକୁଡା ଚିଆଁ ଉତ୍ପାଦନ ପାଇଁ ଫାର୍ମ ସ୍ଥାପନ ନେଇ ସ୍ୱୟଂସହାୟିକା ଗୋଷ୍ଠୀର ମହିଳାମାନଙ୍କୁ ସରକାରୀସ୍ତରରେ ପ୍ରୋତ୍ସାହନ ପ୍ରଦାନ କରାଯାଉଛି। ସେ ଦିଗରେ ମହିଳା ଗୋଷ୍ଠୀମାନଙ୍କୁ ଚୟନ କରାଯାଇ ପଞ୍ଚାୟତ ପକ୍ଷରୁ ସୁପାରିସ କରାଯିବା ପରେ ବିଭାଗ ତରଫରୁ ଅନୁଧ୍ୟାନ କରାଯାଇ ପଦକ୍ଷେପ ନିଆଯିବ ବୋଲି ଜିବୀକା ମିଶନର ବ୍ଲକ ପ୍ରକଳ୍ପ ସଂଯୋଜିକା ସୁମିତ୍ରା ସାହୁ ସୂଚନା ପ୍ରଦାନ କରିଥିଲେ। ଶିବିରରେ ସମ୍ମାନିତ ଅତିଥି ଭାବରେ ନାଏବ ସରପଞ୍ଚ କେଦାର କୁମାର ଦେଓ, ଭ୍ରାମ୍ୟମାଣ୍ୟ ପ୍ରାଣୀଧନ ଚିକିତ୍ସା ସହାୟକ ସୁଜତ୍ ସାମଲ ଓ ରାଜକିଶୋର ସାହୁ ପ୍ରମୁଖ ଯୋଗଦେଇଥିଲେ। ୱାର୍ଡସଭ୍ୟା ରଞ୍ଜିତା ମଲିକ, ମିନତି ପରିଡ଼ା, ସୁକାନ୍ତି ସାହୁ, ନିରଞ୍ଜନ ସାହୁ, ଚିତ୍ତରଞ୍ଜନ ଦାସ, ନୃସିଂହ ମଲିକ, ଶ୍ୟାମସୁନ୍ଦର ସାହୁଙ୍କ ସମେତ ବିଭିନ୍ନ ସ୍ୱୟଂ ସହାୟିକା ଗୋଷ୍ଠୀରୁ ୬୦ରୁ ଉର୍ଦ୍ଧ୍ୱ ମହିଳା ଉପସ୍ଥିତ ଥିଲେ। ଏମ୍‌ବିକେ ସସ୍ମିତା ଆଏଚ ଧନ୍ୟବାଦ ଦେଇଥିଲେ।


ଶିବିରରେ ଯୋଗଦେଇଥିବା ଅଧିକାରୀ ଓ ଅନ୍ୟମାନେ।

# ସିସିବିର ନୂତନ ପରିଚାଳକଙ୍କ ଯୋଗଦାନ

**ବିଞ୍ଝାରପୁର,୮।୧୦(ରାମକୃଷ୍ଣ ଦାସ):**

କଟକ ସେଣ୍ଟ୍ରାଲ କୋ-ଅପରେଟିଭ ବ୍ୟାଙ୍କ ବିଞ୍ଝାରପୁର ଶାଖାର ନୂତନ ପରିଚାଳକ ଭାବରେ ନିହାରକାନ୍ତ ସ୍ୱାଇଁ ମଙ୍ଗଳବାର ପୂର୍ବାହ୍ନରେ କାର୍ଯ୍ୟରେ ଯୋଗଦେଇଛନ୍ତି। ସେ ପୂର୍ବରୁ ଯାଜପୁର ରୋଡ୍ ଶାଖାରେ କାର୍ଯ୍ୟରତଥିଲେ। ତାଙ୍କ ଯୋଗଦାନ ସମୟରେ ବ୍ୟାଙ୍କର ସହପରିଚାଳକ ରଶ୍ମିପ୍ରଭା ସୁତାର, ଉଷାରାଣୀ ନାୟକ, ଶୈଳବାଳା ମିଶ୍ର, ମୃତ୍ୟୁଞ୍ଜୟ ରାଉତରାୟ, ସମବାୟ ସମିତି ସମ୍ପାଦକ ଉପେନ୍ଦ୍ର ମଲ୍ଲିକ, ପରମେଶର ସାହୁ ଓ ନିହାରରଞ୍ଜନ ପାତ୍ରଙ୍କ ସମେତ ବ୍ୟାଙ୍କର ସମସ୍ତ କର୍ମଚାରୀ ଉପସ୍ଥିତ ରହି ସ୍ୱାଇଁଙ୍କୁ ସ୍ୱାଗତ କରିଥିଲେ।

# ନାଟକ ବାସ୍ତବ ଚିତ୍ର ବହନ କରେ


ମଞ୍ଚ ଉଦ୍‌ଘାଟନୀ ସଭାରେ ଯୋଗଦେଇଥିବା ଅତିଥି।

**ଛତିଆ,୮।୧୦(ସୌମ୍ୟ ରଞ୍ଜନ ସାହୁ):**

ବଡ଼ଚଣା ବ୍ଲକ ଅନ୍ତର୍ଗତ ଛତିଆ ପଞ୍ଚାୟତ ଇଚ୍ଛାନଗର ପାଟଣା ଗ୍ରାମର ମା'ଶାରଳାଙ୍କ ବାର୍ଷିକ ଉତ୍ସବ ଅବସରରେ ଗୌରୀ ଶଙ୍କର ଯୁବକ ସଂଘ ଆନୁକୂଲ୍ୟରେ ଦୁଇ ରାତି ନାଟକ ମଞ୍ଚସ୍ଥ କରାଯାଇଛି। ମା' ଶାରଳା ନାଟ୍ୟ ପରିଷଦ ପକ୍ଷରୁ ସ୍ଥାନୀୟ ଅଞ୍ଚଳର କଳାକାରମାନଙ୍କୁ ନେଇ ପାଟଣା ବାଲିଯାତ୍ରା ପଡ଼ିଆରେ ଏହି କାର୍ଯ୍ୟକ୍ରମ କରାଯାଇଛି। ପୁରାତନ କଳାକାର ଧୂଳେନ୍ଦ୍ର ବେହେରାଙ୍କ ସଭାପତିତ୍ୱରେ ମଞ୍ଚ ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ସାମାଜିକ କର୍ମୀ ରବୀନ୍ଦ୍ର କୁମାର ପ୍ରଧାନ, ମୁଖ୍ୟ ବକ୍ତାଭାବେ ସରପଞ୍ଚ ରମେଶ ଚନ୍ଦ୍ର ପୃଷ୍ଟି, ସମ୍ମାନିତ ଅତିଥିଭାବେ ଯୁବନେତା ତୁଷାରକାନ୍ତ ପଣ୍ଡା, ଶିବରାମ ବାଇ, ସନ୍ତୋଷ ନାଥ, ରବୀନ୍ଦ୍ର ରାଉଳ, ନାଟ୍ୟ ନିର୍ଦ୍ଦେଶକ ଶ୍ରୀଧର ମହାନ୍ତି, ଭଜହରୀ ପୃଷ୍ଟି ଓ ଆଦିତ୍ୟ ଧନରାଜ ପ୍ରମୁଖ ଯୋଗଦେଇ ନିଜ ନିଜର ବକ୍ତବ୍ୟରେ କଳା ସମ୍ପର୍କରେ ଆଲୋକପାତ କରିଥିଲେ। ନାଟକ ସମାଜର ବାସ୍ତବ ଚିତ୍ର ବହନ କରେ। କଳାକାରଙ୍କ ନିଛକ ଅଭିନୟ ଏହାର ଜ୍ୱଳନ୍ତ ଉଦାହରଣ। ଗ୍ରାମାଞ୍ଚଳର ଛୋଟଛୋଟ ମଞ୍ଚ ହିଁ ବଡ଼ କଳାକାର ଗଢ଼ିବାରେ ପ୍ରମୁଖ ଭୂମିକା ନେଇଛି ବୋଲି ଅତିଥିମାନେ ମତଦେଇ କଳାକାରମାନଙ୍କୁ ଉତ୍ସାହିତ କରିଥିଲେ। ପ୍ରଥମ ରାତ୍ରିରେ ଭାଇ ଭଉଣୀର ନୂଆ କାହଣୀ ଓ ଦ୍ୱିତୀୟ ରାତ୍ରିରେ ରାଜଧାନୀର ରାତି ନାଟକ ମଞ୍ଚସ୍ଥ ହୋଇଥିଲା। କଳାକାରଙ୍କ ଜୀବନ୍ତ ଅଭିନୟ ଉପସ୍ଥିତ ଦର୍ଶକଙ୍କୁ ବିମୋହିତ କରିଥିଲା। କ୍ଲବ୍‌ର ସମସ୍ତ ସଦସ୍ୟ ନାଟ୍ୟ ପରିଚାଳନାରେ ସହଯୋଗ କରିଥିଲେ।

# ରାସ୍ତା, ଡ୍ରେନ୍‌ରୁ ଅବରୋଧ ହଟାଇବାକୁ ନିର୍ଦ୍ଦେଶ

**ଯାଜପୁରରୋଡ୍,୮।୧୦ (ପବିତ୍ର ରଞ୍ଜନ ମହାନ୍ତି):**

ବ୍ୟାସନଗର ସହରର ବିଭିନ୍ନ ରାସ୍ତା, ଡ୍ରେନ, ଛକ ଓ ସରକାରୀ ଜମିକୁ ବ୍ୟବସାୟୀମାନେ ଅବରୋଧ କରି ବ୍ୟବସାୟ ପସରା ମେଲାଇଛନ୍ତି। ଫଳରେ ସହରରେ ଟ୍ରାଫିକ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡ଼ିଛି। ଆଗକୁ ସହରରେ ବିଭିନ୍ନ ପୂଜା ଆରମ୍ଭ ହେବାକୁ ଯାଉଥିବାରୁ ଏହାକୁ ଦୃଷ୍ଟିରେ ରଖି ଜିଲା ପ୍ରଶାସନ ନିର୍ଦ୍ଦେଶକ୍ରମେ ପୌର ପ୍ରଶାସନ ପକ୍ଷରୁ ଅବରୋଧ ହଟାଇବା ଅଭିଯାନ ଆରମ୍ଭ ହୋଇଛି। ମଙ୍ଗଳବାର ପୌର ପ୍ରଶାସନ ପକ୍ଷରୁ ଡାକବାଜି ଯନ୍ତ୍ର ସାହାଯ୍ୟରେ ପ୍ରଚାର କରାଯାଇ ତୁରନ୍ତ ଅବରୋଧ ହଟାଇବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ନିର୍ଦ୍ଦେଶ ଅମାନ୍ୟ କଲେ ଆଇନ ଅନୁଯାୟୀ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଅବଗତ କରାଯାଇଛି।

ବିଶେଷକରି ସହରର ମୁଖ୍ୟ ରାସ୍ତା ଚୋରଦା ଛକଠାରୁ ଗୋପବନ୍ଧୁ ଛକ, ଡାକବଙ୍ଗଳା ଛକଠାରୁ ଗ୍ରୀନ ମାର୍କେଟ, ତାରିଣୀ ମାର୍କେଟ, ଚୋରଦାଠାରୁ କନ୍ହେଇପୁର, ନହକା ଛକ, ଦଳା ଛକ ଆଦି ବିଭିନ୍ନ ସ୍ଥାନରେ ଜବରଦଖଲ ଦେଖିବାକୁ ମିଳୁଛି। ପରିବା, ଫଳ, ମାଛ, ମାଂସ କୁକୁଡ଼ା ଏବଂ ଉଠା ଦୋକାନୀ ସେମାନଙ୍କ ଠେଲା ରଖି ବ୍ୟବସାୟ କରୁଛନ୍ତି। ସେମାନଙ୍କ ବର୍ଜ୍ୟ ବସ୍ତୁଗୁଡ଼ିକ ରାସ୍ତାଉପରେ ଏବଂ ଡ୍ରେନ ମଧ୍ୟରେ ପକାଉଛନ୍ତି। ଫଳରେ ରାସ୍ତା ସଙ୍କୁଚିତ ହେବା ସହ ଟ୍ରାଫିକ ସମସ୍ୟା ସୃଷ୍ଟି କରୁଛି। ସେମାନେ ତାଙ୍କର ଅଳିଆଗୁଡ଼ିକ ଏଣେତେଣେ ପକାଇବା ଦ୍ୱାରା ତାହା ପଚିସଢ଼ି ପରିବେଶକୁ ଦୂଷିତ କରୁଛି। ଅନ୍ୟପକ୍ଷରେ ଡ୍ରେନ୍‌ଗୁଡ଼ିକୁ ଅବରୋଧ କରିବା ଦ୍ୱାରା ଡ୍ରେନ ସଫାକରିବାରେ ବାଧକ ସୃଷ୍ଟି ହୋଇ ବର୍ଜ୍ୟ ଜଳ ନିଷ୍କାସନ ହୋଇପାରୁନାହିଁ। ଡ୍ରେନ୍‌ରୁ ଦୁର୍ଗନ୍ଧ ବାହାରିବା ସହ ମଶା ମାଛିଙ୍କ ଦୌରାତ୍ମ୍ୟ ବୃଦ୍ଧି ପାଉଛି।


ରାସ୍ତା ଉପରେ ଠେଲା ବ୍ୟବସାୟୀ ଫଳ ଦୋକାନ କରିଛନ୍ତି।

# ଜିଲାରେ ଦେଖାଦେଇଛି ଚକ୍ରାକାର ଧଳାମାଛି

କେନ୍ଦ୍ରାପଡ଼ା, ୮।୧୦ (ଜଗନ୍ନାଥ ଧଳ)

ପ୍ରଥମେ ନଡ଼ିଆଗଛ ପତ୍ରରେ ଧଳା ଫିମ୍ପି ଦେଖାଦେଉଥିଲା। ଏବେ କଦଳୀଗଛଠାରୁ ଆରମ୍ଭକରି ପନିପରିବା ଗଛରେ ଏହି ରୋଗ ଦେଖାଯାଇଛି। ଧଳା ଫିମ୍ପି ଗଛକୁ ଦୁର୍ବଳ କରୁଥିବାବେଳେ ଉତ୍ପାଦକୁ କମ୍ କରୁଛି। ଅସନ୍ତୁଳିତ ପରିବେଶ ପାଇଁ ଏହି ରୋଗ ବ୍ୟାପୁଥିବା ଚାଷୀ ଓ ସ୍ଥାନୀୟ ଅଞ୍ଚଳବାସୀ ଚର୍ଚ୍ଚା କରୁଛନ୍ତି। କେନ୍ଦ୍ରାପଡ଼ା ଜିଲାରେ ଏହାକୁ ନେଇ ଏକ ପ୍ରକାର ଆତଙ୍କ ଦେଖାଦେଇଛି। ଏହା ଚକ୍ରାକାର ମାଛିର ନିରାକରଣ ପାଇଁ ଚାଷୀଙ୍କ ସଚେତନତା ସହ ଔଷଧ ସିଞ୍ଚନ ପାଇଁ କୃଷି ବିଜ୍ଞାନୀ ପରାମର୍ଶ ଦେଇଛନ୍ତି। ଅପରପକ୍ଷରେ ନଡ଼ିଆଗଛ ପରି ଲମ୍ବା ଗଛରେ ଔଷଧ ସିଞ୍ଚନ ପାଇଁ ଜିଲାରେ ଫୁଟ୍ ପ୍ରେସର ପମ୍ପ କୌଣସିଠାରେ ନାହିଁ। ଏହାବ୍ୟତୀତ ରୋଗ ବ୍ୟାପକ ହେଉଥିବାରୁ ସାମୂହିକ ନିରାକରଣ ପାଇଁ ଦାବି ହୋଇଛି।

ଏ ସଂକ୍ରାନ୍ତରେ ଉଦୟନଗରର ପ୍ରଭାତ କୁମାର ପରିଡ଼ା, ଅଯୋଦ୍ଧାନଗରର ପ୍ରଶାନ୍ତ କୁମାର ନାୟକ, ଗୁଲନଗରର ଲକ୍ଷ୍ମୀକାନ୍ତ ନାୟକ, ଡେରାବିଶର କରୁଣାକର କର, ଚଉଦକୁଲାଟର ଜୟନ୍ତ କୁମାର ପାତ୍ର ପ୍ରମୁଖ କହିଛନ୍ତି, କିଛିଦିନ ଧରି ଗଛର ପତ୍ରଗୁଡ଼ିକ ଧଳା ରଙ୍ଗରେ ଆଚ୍ଛାଦିତ ହୋଇଯାଉଛି। ପରେ ଏହି ପତ୍ର ସାମୟିକ ଭାବେ ମୋଡ଼ିହେବା ସହ ଫିମ୍ପିମାରୁଛି। ଏହି ଫିମ୍ପିରେ ପିମ୍ପୁଡ଼ି ଲାଗୁଥିବାରୁ ଏହା ମିଠା ବୋଲି ଅନୁମାନ କରାଯାଉଛି। ପରେ ପତ୍ର ନଷ୍ଟହେବା ସହ ଫଳ ଉତ୍ପାଦନ କମ୍ ହେଉଛି। ପୂର୍ବରୁ ଏହି ରୋଗ ନଡ଼ିଆଗଛରେ ଦେଖାଯାଉଥିବାବେଳେ ଏବେ କଦଳୀଗଛ ଓ କେତେକ ପନିପରିବା ଚାଷ ସମୟରେ ଦେଖିବାକୁ ମିଳୁଛି। ପରିବେଶ ସନ୍ତୁଳନ ଏବେ ବିଗିଡ଼ିଯାଇଛି। ବିଶ୍ୱ ତାପନ ସହ ଶିଳ୍ପ, ଜଳ ଓ ବାୟୁ ପ୍ରଦୂଷଣ ବଢୁଛି। ଏହାଦ୍ୱାରା ଏହି ରୋଗ ବ୍ୟାପୁଛି। ଏହାର ନିରାକରଣ ପାଇଁ କୃଷି ବିଭାଗ, କୃଷି ବିଜ୍ଞାନ କେନ୍ଦ୍ର ଅଥବା ଉଦ୍ୟାନ କୃଷି ବିଭାଗକୁ ଜଣାଇଲେ ଔଷଧ ସିଞ୍ଚନ ପାଇଁ ପରାମର୍ଶ ଦେଉଛନ୍ତି। ତେବେ ଔଷଧ ସିଞ୍ଚନରେ ବିଭିନ୍ନ ସମସ୍ୟା ଅଛି। ନଡ଼ିଆଚାଷରେ ଏହି ରୋଗ ବ୍ୟାପକ ଭାବେ ଦେଖାଦେଇଥିଲା ବେଳେ ଔଷଧ ସିଞ୍ଚନ ଏକ ପ୍ରକାର ଅସମ୍ଭବ ହୋଇଛି। ଜିଲାରେ କୌଣସିଠାରେ ଫୁଟ୍ ପ୍ରେସର ପମ୍ପ ନାହିଁ। ଏହା ବ୍ୟତୀତ ରୋଗର ବ୍ୟାପକତା ଦୃଷ୍ଟିରୁ ସାମୂହିକ ସିଞ୍ଚନ କିମ୍ବା ଅନ୍ୟ କୌଣସି ବିକଳ୍ପ ବ୍ୟବସ୍ଥା ପାଇଁ ଚାଷୀ ଓ ସ୍ଥାନୀୟ ଅଞ୍ଚଳବାସୀ ଦାବି କରିଛନ୍ତି। ଏ ସମ୍ପର୍କରେ କୃଷି ବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ଡ. ପ୍ରଭଞ୍ଜନ ମିଶ୍ରଙ୍କୁ ପଚାରିବାରେ ଏହି ରୋଗ ବ୍ୟାପିବାର ମୁଖ୍ୟ କାରଣ ହେଉଛି ଚକ୍ରାକାର ଧଳା ମାଛି। ଏହାର ଉତ୍ପତ୍ତି ସ୍ଥଳ ସେଣ୍ଟ୍ରାଲ ଆମେରିକା। ୨୦୧୬ ଅଗଷ୍ଟରେ ଏହି ବିଦେଶୀ କୀଟ ଭାରତରେ ଦେଖିବାକୁ ମିଳିଛି। ଏହାର ୬ ମାସ ମଧ୍ୟରେ କେରଳ, ତାମିଲନାଡୁ, କର୍ଣ୍ଣାଟକ ଓ ଆନ୍ଧ୍ରପ୍ରଦେଶରେ ଦେଖିବାକୁ ମିଳିଥିଲା। ଏବେ ଓଡ଼ିଶାରେ ଏହାର ପ୍ରଭାବ ପଡ଼ିଥିବା ଶୁଣିବାକୁ ମିଳୁଛି। ଛୋଟ ଓ ବୟସ୍କ ମାଛି ପତ୍ରର କୋମଳ ଅଂଶରୁ ରସ ଶୋଷି ଖାଇଥାନ୍ତି। ଏହାଦ୍ୱାରା ଗଛ ଉପରେ ବିଭିନ୍ନ ଚାପ ସୃଷ୍ଟି ହୋଇଥାଏ। ରୋଗର ବ୍ୟାପକତାରୁ ନିସ୍ତାର ପାଇଁ ଫ୍ଲୁବେନଡିଆମାଇଡ୍ ୪୮୦ ଏସ୍‌ସିର ୫ ମି.ଲି. ସହ ୧୦ ଲିଟର ପାଣିରେ ମିଶାଇ ରୋଗଗ୍ରସ୍ତ ଗଛ ଉପରେ ପକାଇପାରିବା। ସେହିପରି ୧୦ ଲିଟର ପାଣି ସହ ଇମାମେକ୍ଟିନ ବେନ୍‌ଜୋଏଟ ୫ ଏସ୍‌ଜିର ୫ ମି.ଲି. କିମ୍ବା ସ୍ପିନୋସାଡ ୪୫ ଏସ୍‌ସିର ୫ ମି.ଲି. ପରିମାଣର ଔଷଧ ସହ ମିଶାଇ ସିଞ୍ଚନ କରିବା ଆବଶ୍ୟକ। ଏହା ବ୍ୟତୀତ ଜୈବିକ ପ୍ରଣାଳୀରେ ଏହି କୀଟକୁ ରୋକିବା ପାଇଁ ନିମ୍ବତେଲ ବ୍ୟବହାର କରାଯାଉଛି। କେତେକ ପ୍ରଜାତିର ଗୋବର ପୋକ ଓ ବିରୁଡ଼ି ଏହି କୀଟକୁ ନଷ୍ଟ କରିଥାନ୍ତି ବୋଲି ସେ କହିଛନ୍ତି।

- ଫିମ୍ପି ଲାଗି ବିଭିନ୍ନ ଗଛ ଦୁର୍ବଳ ହେଉଛି
- ଚର୍ଚ୍ଚାରେ ଅସନ୍ତୁଳିତ ପରିବେଶ ପାଇଁ ଧଳା ଛିଟା
- ବଡ଼ ଗଛ ପାଇଁ ଫୁଟ୍ ପ୍ରେସର ପମ୍ପ ଦାବି



# ଚନ୍ଦନନଗରରେ ଭାଜପାର ସଦସ୍ୟତା ଅଭିଯାନ



ନେତାଙ୍କ ଗହଣରେ ସଦସ୍ୟତା ଗ୍ରହଣ କରିଥିବା ବ୍ୟକ୍ତିମାନେ।

ପଟ୍ଟାମୁଣ୍ଡାଇ, ୮।୧୦ (କଳ୍ପତରୁ ନାୟକ)

ପଟ୍ଟାମୁଣ୍ଡାଇ ବ୍ଲକ ଚନ୍ଦନନଗର ପଞ୍ଚାୟତ ଭଜପା ସଭାପତି ସ୍ୱାଗତ ଦାଶଙ୍କ ନେତୃତ୍ୱରେ ସଦସ୍ୟତା ଅଭିଯାନ କାର୍ଯ୍ୟକ୍ରମ ତେତେଲଙ୍ଗା ଗ୍ରାମରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଭାଜପା ରାଜ୍ୟ ନାରୀ ନେତ୍ରୀ କାନନବାଳା ଦାସ, ବିଷ୍ଣୁପ୍ରିୟା ମହାପାତ୍ର, ରାଜନଗର ଭାଜପା ପ୍ରଭାରୀ ସୁନାକର ପ୍ରଧାନ, ଶୁଭେନ୍ଦୁ ଦାଶ, ସୋମନାଥ ଷଡ଼ଙ୍ଗୀ ପ୍ରମୁଖ ଯୋଗଦେଇ ଗ୍ରାମର ଘରକୁ ଘର ଯାଇ ଲୋକମାନଙ୍କୁ ଭାଜପା ସଦସ୍ୟତା ଗ୍ରହଣ କରାଇଥିଲେ। ଏହି ଅବସରରେ ଭାଜପା ରାଜ୍ୟ ନାରୀ ନେତ୍ରୀ ଦାସ, ମହାପାତ୍ର ଉପସ୍ଥିତ ମହିଳାମାନଙ୍କୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ୧୦ବର୍ଷ ଶାସନ କାଳରେ ବିଭିନ୍ନ ପ୍ରକାରର ଯୋଜନା ଉପରେ ଆଲୋକପାତ କରିଥିଲେ। ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ୧୦୦ଦିନର ଶାସନ କାଳରେ ସମସ୍ତ ଯୋଜନା ଯୁଗାନ୍ତକାରୀ ପଦକ୍ଷେପ ବୋଲି କହିଥିଲେ। ଏହି ତେତେଲଙ୍ଗା ଗ୍ରାମରେ ପ୍ରାୟ ୩୦୦ରୁ ଅଧିକ ପରିବାର ବସବାସ କରୁଥିବା ବେଳେ ପାନୀୟ ଜଳ ପାଇଁ ୨ଟି ନଳକୂପ ଅଛି। ଫଳରେ ଲୋକେ ସକାଳୁ ନମ୍ବର ଲଗାଇ ପାନୀୟ ଜଳ ପାଇଁ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏଥିନେଇ ଗ୍ରାମର ମହିଳାମାନେ ଏକଜୁଟ ହୋଇ ଏହି ସଦସ୍ୟାମାନଙ୍କୁ ପାନୀୟ ଜଳ ସମ୍ପର୍କରେ ଅବଗତ କରାଇଥିଲେ।

# ଭିନ୍ନକ୍ଷମ ଛାତ୍ରୀଛାତ୍ରଙ୍କୁ ମେଧାବୃତ୍ତି

ଡେରାବିଶ, ୮।୧୦ (ବେବର୍ତ୍ତା ଅଜୟ ଦାସ)

ଡେରାବିଶ ବ୍ଲକ ଇନ୍ଦାଲୋ ପଞ୍ଚାୟତ ଅନ୍ତର୍ଗତ ଛକନାସ୍ଥିତ ସାରଦା ଏକାଡେମୀର ଭିନ୍ନକ୍ଷମ ଛାତ୍ର ଗୌରବ ଶତପଥୀ ଓ ଗରଦପୁର ବ୍ଲକ ଭଗବାନପୁର ପଞ୍ଚାୟତ ଅନ୍ତର୍ଗତ ରାଧାରମଣ ହାଇସ୍କୁଲର ଭିନ୍ନକ୍ଷମ ଛାତ୍ରୀ ଶୁଭଶ୍ରୀ ଖଣ୍ଡୁଆଳଙ୍କୁ ଉଚ୍ଚ ଶିକ୍ଷା ପାଇଁ 'ପ୍ରେରଣା' ପକ୍ଷରୁ ଆର୍ଥିକ ସହାୟତା ମଙ୍ଗଳବାର ପ୍ରଦାନ କରାଯାଇଛି। ଭୁବନେଶ୍ୱରସ୍ଥିତ ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ରରେ ଆୟୋଜିତ ରାଜ୍ୟସ୍ତରୀୟ ଉତ୍ସବରେ କେନ୍ଦ୍ରାପଡ଼ା ଜିଲାରେ ୮୦ପ୍ରତିଶତରୁ ଊର୍ଦ୍ଧ୍ୱ ନମ୍ବର ରଖି ମାଟ୍ରିକ ପାସ୍ କରିଥିବା ଭିନ୍ନକ୍ଷମ ଛାତ୍ରୀଛାତ୍ରଙ୍କୁ ମାସିକ ୨୦୦ ଟଙ୍କା ମେଧାବୃତ୍ତି ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ 'ସ୍ୱାଭିମାନ' ସ୍ୱେଚ୍ଛାସେବୀ ଅନୁଷ୍ଠାନର 'ପ୍ରେରଣା'ର ମୁଖ୍ୟ ଡ. ସ୍ମୃତି ମହାପାତ୍ର ଓ ରାଜ୍ୟ ଅନ୍ତର୍ନିବେଶୀ ଶିକ୍ଷା ସଂଯୋଜକ ଅଶୋକ କୁମାର ମହାପାତ୍ର ଉପସ୍ଥିତ ରହି ଭିନ୍ନକ୍ଷମ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିଥିଲେ। ଏହି ୨ ଭିନ୍ନକ୍ଷମ ଛାତ୍ରୀଛାତ୍ରଙ୍କ ଗାଇଡ୍ ଶିକ୍ଷକ ଭାବେ ବିଆର୍‌ସି ଜୟନ୍ତ ସ୍ୱାଇଁ ଓ ହିମାଂଶୁ ଭୂଷଣ ଜେନା ଯୋଗ ଦେଇଥିଲେ।




ଭିନ୍ନକ୍ଷମ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଉଛି।

# ମନ ଦେଇ ପଢ଼: ସମାଜରେ ପ୍ରତିଷ୍ଠିତ ହେବ



ମହୋତ୍ସବରେ ବିଧାୟକ ଦୁର୍ଗା ପ୍ରସନ୍ନ ନାୟକ ଓ ଅନ୍ୟମାନେ।

## ମଣ୍ଡଳସ୍ତରୀୟ ଶିଶୁ ମହୋତ୍ସବ ସୁରଭି

ମାର୍ଶାଘାଇ, ୮।୧୦ (ଶୁଭେନ୍ଦୁ ପ୍ରସାଦ ଚୌଧୁରୀ)

ମାର୍ଶାଘାଇ ବ୍ଲକ ଅନ୍ତର୍ଗତ ପିକରଳି କପିଳମୁନି ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ମଙ୍ଗଳବାର ମଣ୍ଡଳସ୍ତରୀୟ ଶିଶୁ ମହୋତ୍ସବ ସୁରଭି ଅନୁଷ୍ଠିତ ହୋଇଯାଇଛି। ବିଇଓ ପ୍ରଫୁଲ୍ଲ କୁମାର ସ୍ୱାଇଁଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ମହାକାଳପଡ଼ା ବିଧାୟକ ଦୁର୍ଗା ପ୍ରସନ୍ନ ନାୟକ ଯୋଗଦେଇ ଛାତ୍ରୀଛାତ୍ରମାନେ ମନ ଦେଇ ପାଠ ପଢ଼ିଲେ ସମାଜରେ ନିଜକୁ ପ୍ରତିଷ୍ଠା କରିପାରିବେ। ପ୍ରତିଷ୍ଠିତ ହେବା ସହିତ ଦେଶ ଜାତିର ସେବା କଲେ ସେମାନଙ୍କର ଶିକ୍ଷାର ମୂଲ୍ୟ ରହିପାରିବ ବୋଲି କହିଥିଲେ। ମୁଖ୍ୟ ବକ୍ତା ଭାବେ ପଣ୍ଡିତ ହୃଷୀକେଶ ରଥ ଯୋଗଦେଇ ପିଲାମାନଙ୍କୁ ବହୁ ମୂଲ୍ୟବାନ୍ ପରାମର୍ଶ ପ୍ରଦାନ କରିଥିଲେ। ସମ୍ମାନିତ ଅତିଥି ଭାବେ ପୂର୍ବତନ ପ୍ରଧାନ ଶିକ୍ଷକ ଗନ୍ଧର୍ବ ମହାପାତ୍ର, କପିଳମୁନି ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ସୁଲେଖା ପରିଡ଼ା, ସହ ମଣ୍ଡଳ ଶିକ୍ଷାଧିକାରୀ ବଳଦେବ ପ୍ରସାଦ ଜେନା, ଅନିତା ବେହେରା, ନୋଡାଲ ପ୍ରଧାନ ଶିକ୍ଷକ ଗୋପୀନାଥ ବେହେରା, ଓଷ୍ଟା ବ୍ଲକ ସଭାପତି ନାରାୟଣ ମନ୍ତ୍ରୀ ଯୋଗ ଦେଇଥିଲେ। ଅପରାହ୍ନରେ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଜିଲା ପରିଷଦ ସଭ୍ୟ ପ୍ରତାପ ମଲ୍ଲିକ, ମୁଖ୍ୟ ବକ୍ତା ଭାବେ ମହାକାଳପଡ଼ା ବିଇଓ ତନ୍ମୟ ବେହେରା, ସମ୍ମାନିତ ଅତିଥି ଭାବେ ପୂର୍ବତନ ପ୍ରଧାନ ଶିକ୍ଷକ ସୁରେନ୍ଦ୍ର ରାଉତ, ଦିଲୀପ ମଲ୍ଲ, ଏବିଓ ସୁଶାନ୍ତ ବେଉରା, ପ୍ରସନ୍ନ ପରିଡା, ପାର୍ଥ ସାରଥି ସାହୁ ଯୋଗ ଦେଇଥିଲେ। ପ୍ରଧାନ ଶିକ୍ଷକ ପ୍ରଦୀପ ଲେଙ୍କା ଧନ୍ୟବାଦ ଦେଇଥିଲେ। ବ୍ଲକର ୧୫ଟି କ୍ଲଷ୍ଟରର ବିଦ୍ୟାଳୟର ଛାତ୍ରୀଛାତ୍ର ଆସି ବିଭିନ୍ନ ପ୍ରତିଯୋଗିତାରେ ଭାଗ ନେଇଥିଲେ। କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ।

# ଜୟଦୁର୍ଗା ବଣିକ ସଂଘର ନୂତନ କର୍ମକର୍ତ୍ତା ଚୟନ

ରାଜନଗର, ୮।୧୦ (ଭାସ୍କର ରାଉତରାୟ)

ରାଜନଗର ବଜାର ଜୟଦୁର୍ଗା ବଣିକ ସଂଘର ନୂତନ କର୍ମକର୍ତ୍ତା ନିର୍ବାଚନ ଓ ଦାୟିତ୍ୱ ଗ୍ରହଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ସଭାପତି ପଣ୍ଡିତ ଶଙ୍କର୍ଷଣ ମିଶ୍ରଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ନୂତନ କର୍ମକର୍ତ୍ତାଙ୍କ ନାମ ସର୍ବସମ୍ମତିକ୍ରମେ ଘୋଷଣା କରାଯାଇଛି। ସଭାପତି ଭାବେ ବାଇଧର ସେଠୀ, ଉପସଭାପତି ଭାବେ ଶୂନ୍ୟବାସୀ ରାଉଳ, ସମ୍ପାଦକ ଭାବେ ସତ୍ୟବାନ ସେଠୀ, ହରେକୃଷ୍ଣ ଲେଙ୍କା, ସହ ସମ୍ପାଦକ ଭାବେ ସୋମନାଥ ବାରିକ, କୋଷାଧ୍ୟକ୍ଷ ଭାବେ ପ୍ରେମାନନ୍ଦ ଲେଙ୍କା, ସହ କୋଷାଧ୍ୟକ୍ଷ ଭାବେ ଧର୍ମେନ୍ଦ୍ର ମଳିକ ମନୋନୀତ ହୋଇଛନ୍ତି। ମୁଖ୍ୟ ଉପଦେଷ୍ଟା ଭାବେ ପଣ୍ଡିତ ଶଙ୍କର୍ଷଣ ମିଶ୍ର, ମୃତ୍ୟୁଞ୍ଜୟ ମିଶ୍ର, ବିଚିତ୍ର କୁମାର ମଳିକ, ସୁବାସ ଚନ୍ଦ୍ର ସାହୁ, ଅନିରୁଦ୍ଧ ପରିଡ଼ା, ରବୀନ୍ଦ୍ର କୁମାର ପ୍ରଧାନ, ଅଭୟ କୁମାର ନାୟକ ଏବଂ ମିଡିଆ ପ୍ରଭାରୀ ଭାବେ ଦୋଳଗୋବିନ୍ଦ ଜେନା ପ୍ରମୁଖ ମନୋନୀତ ହୋଇଛନ୍ତି।

# ନୂତନ ସ୍ନାତକ ବିଜ୍ଞାନାଗାର ଉଦ୍‌ଘାଟିତ



ବିଧାୟକ ପ୍ରତାପ କେଶରୀ ଦେବ ବିଜ୍ଞାନାଗାରକୁ ଉଦ୍‌ଘାଟନ କରୁଛନ୍ତି।

## ଆଳି ମହାବିଦ୍ୟାଳୟ

ଆଳି, ୮।୧୦ (ବନମାଳୀ ସେନାପତି)

ଆଳି ମହାବିଦ୍ୟାଳୟରେ ମଙ୍ଗଳବାର ନୂତନ ଭାବେ ନିର୍ମିତ ହୋଇଥିବା ସ୍ନାତକ ବିଜ୍ଞାନାଗାରକୁ ସ୍ଥାନୀୟ ବିଧାୟକ ପ୍ରତାପ କେଶରୀ ଦେବ ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ବିଧାୟକ ଦେବ କହିଥିଲେ, ମହାବିଦ୍ୟାଳୟରେ ବିଜ୍ଞାନ ବିଷୟ ରଖି ପାଠ ପଢୁଥିବା ଛାତ୍ରୀଛାତ୍ର ଏହାଦ୍ୱାରା ଉପକୃତ ହେବେ। ତେଣୁ କଥାରେ ନୁହେଁ ପ୍ରତ୍ୟେକ କ୍ଷେତ୍ରରେ ପ୍ରମାଣିତ କରିବାର ଆବଶ୍ୟକତାକୁ ବିଜ୍ଞାନାଗାର ପୂରଣ କରିପାରିବ। ଏହି ଉତ୍ସବରେ କଲେଜ ପରିଚାଳନା ପରିଷଦ ସଭାପତି ଶେଖର ଚନ୍ଦ୍ର ବାରିକ, ମହାବିଦ୍ୟାଳୟର ଅଧ୍ୟକ୍ଷ ଦୁର୍ଯ୍ୟୋଧନ ମଲ୍ଲିକ, ପ୍ରାଧ୍ୟାପକ ପ୍ରଫୁଲ୍ଲ କୁମାର ପରିଡ଼ା, ବିନୋଦ ବିହାରୀ ପତି, ବିକ୍ରମ କେଶରୀ ବେହେରା, ରାଜକିଶୋର ବେହେରା, ହରପ୍ରସାଦ ରଥ, ପ୍ରଶାନ୍ତ କୁମାର ଦାସ, ଅଭୟ କୁମାର ସ୍ୱାଇଁ, ରତ୍ନକାନ୍ତ ମିଶ୍ର, ବିଜେଡି ସଙ୍ଗଠକ ପ୍ରଦ୍ୟୁମ୍ନ ଦାଶ, ସୁମନ୍ତ ରାଉତ ପ୍ରମୁଖଙ୍କ ସମେତ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପିକାଅଧ୍ୟାପକ, ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।

# କଲେଜରେ ଗଣିତ ବିଭାଗର ଆଲୋଚନାଚକ୍ର

ପଟ୍ଟାମୁଣ୍ଡାଇ, ୮।୧୦ (କଳ୍ପତରୁ ନାୟକ)

ପଟ୍ଟାମୁଣ୍ଡାଇ ମହାବିଦ୍ୟାଳୟରେ ଗଣିତ ବିଭାଗ ପକ୍ଷରୁ 'ଗ୍ରୁପ୍ ଅଫ୍ କ୍ୱାଟରନିୟନ' ବିଭାଗସ୍ତରୀୟ ଆଲୋଚନାଚକ୍ର ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ଦିଲୀପ କୁମାର ଭୂୟାଁଙ୍କ ପୌରୋହିତ୍ୟରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଗଣିତ ବିଭାଗର ମୁଖ୍ୟ ଅଧ୍ୟାପକ ଅରବିନ୍ଦ ପାଣ୍ଡବ ସ୍ୱାଗତ ଭାଷଣ ସହ ଆଲୋଚନାଚକ୍ରର ସନ୍ଦର୍ଭ ପାଠ କରିଥିଲେ। ଆଲୋଚନାଚକ୍ରରେ ମାର୍ଶାଘାଇ ମହାବିଦ୍ୟାଳୟର ପ୍ରାଧ୍ୟାପକ ବିପିନ ବିହାରୀ ନାଥ କ୍ୱାଟରନିୟନର ମୂଳ ତତ୍ତ୍ୱ ବିଷୟରେ ଆଲୋଚନା ପୂର୍ବକ ପିଲାମାନଙ୍କ ସହ ପ୍ରଶ୍ନ ଉତ୍ତର କାର୍ଯ୍ୟକ୍ରମରେ ଭାଗ ନେଇଥିଲେ। ବିଭାଗର ଅନ୍ୟତମ ଅଧ୍ୟାପକ ଡ. ନିର୍ମଳ କୁମାର ସାହୁ ଧନ୍ୟବାଦ ଦେଇଥିଲେ। ଗଣିତ ବିଭାଗର ସମସ୍ତ ଛାତ୍ରୀଛାତ୍ର, ଅଧ୍ୟାପିକା ଅଧ୍ୟାପକମାନେ ଅଂଶଗ୍ରହଣ କରିଥିଲେ।

# ଦୁଇ ଶୌଚାଳୟ କାର୍ଯ୍ୟକ୍ଷମ ପାଇଁ ବ୍ୟବସାୟୀଙ୍କ ଦାବି

ରାଜନଗର, ୮।୧୦ (ଭାସ୍କର ରାଉତରାୟ)

ରାଜନଗର ବ୍ଲକ ହେଡ୍‌କ୍ୱାର୍ଟରକୁ ପ୍ରତିଦିନ ହଜାର ହଜାର ଲୋକ ଆସୁଛନ୍ତି। ହେଡ୍‌କ୍ୱାର୍ଟରରେ ୫ଶହରୁ ଊର୍ଦ୍ଧ୍ୱ ବ୍ୟବସାୟିକ ପ୍ରତିଷ୍ଠାନ ଥିବାବେଳେ ସମସ୍ତ ବ୍ଲକସ୍ତରୀୟ କାର୍ଯ୍ୟାଳୟ ରହିଛି। ପ୍ରତିଦିନ ୨ଟି କଲେଜକୁ ଛାତ୍ରୀଛାତ୍ରଙ୍କ ସମେତ ଲୋକେ ଆସୁଛନ୍ତି। ମାତ୍ର ରାଜନଗର ବଜାରରେ ଶୌଚାଳୟ ନ ଥିବାରୁ ଲୋକେ ହୀନସ୍ତା ଭୋଗୁଛନ୍ତି। ଏଥିସହ ୨ଦିନ ସାପ୍ତାହିକ ହାଟରେ ବହୁସଂଖ୍ୟାରେ ଲୋକଙ୍କ ଭିଡ଼ ଜମିଥାଏ। ଅଞ୍ଚଳବାସୀ ଓ ବଣିକ ସଂଘର ଦାବି ପରେ ହଂସୁଆ ସେତୁ, ରାଜନଗର ପରିବା ମାର୍କେଟରେ ଗୋଟିଏ ଲେଖାଏ ଶୌଚାଳୟ ନିର୍ମାଣ କାର୍ଯ୍ୟ ଚାଲିଛି। ଏହାର ନିର୍ମାଣ ଶୀଘ୍ର ଶେଷ କରିବାକୁ ସୋମବାର ଜୟଦୁର୍ଗା ବଣିକ ସଂଘର ସଭାପତି ବାଇଧର ସେଠୀଙ୍କ ନେତୃତ୍ୱରେ ସମ୍ପାଦକ ସତ୍ୟବାନ ସେଠୀ, ବ୍ୟବସାୟୀ ବିଚିତ୍ର କୁମାର ମଳିକ ପ୍ରମୁଖ ବିଡିଓଙ୍କୁ ଭେଟି ଦାବିପତ୍ର ଦେଇଛନ୍ତି।

# ରାଜକନିକା ବ୍ଲକ କଳା ସଂସ୍କୃତି ସଂଘ ପକ୍ଷରୁ ଦାବିପତ୍ର

ରାଜକନିକା, ୮।୧୦ (ସଞ୍ଜୟ କୁମାର ଦାଶ)

ରାଜକନିକା ବ୍ଲକ କଳା ସଂସ୍କୃତି ପକ୍ଷରୁ ଓଡ଼ିଶାର ଲୋକ କଳା, ସଂସ୍କୃତି, ଐତିହ୍ୟ ଓ ଅସ୍ମିତାକୁ ବଞ୍ଚେଇ ରଖିଥିବା ବିଭିନ୍ନ ବର୍ଗର କଳାକାରଙ୍କ ପ୍ରତି ସରକାରଙ୍କ କଳା ସଂସ୍କୃତି ବିଭାଗ ଅବହେଳା ପ୍ରଦର୍ଶନ କରିବା ବଡ଼ ଦୁଃଖର କଥା। ସରକାରଙ୍କ ବିଭିନ୍ନ ଯୋଜନାକୁ ନେଇ କଳା ଓ ସାହିତ୍ୟ ମାଧ୍ୟମରେ କଳାକାରମାନେ ଲୋକଙ୍କ ପାଖରେ ପହଞ୍ଚାଇବା, ନିଷ୍ଠାର ସହିତ କଳାର ବିକାଶ ଓ ପରିବେଷଣ କରିବାରେ ସମୟ ଦେବାରୁ ବେରୋଜଗାର ହୋଇ ଆର୍ଥିକ ଅଭାବ ଅନଟନ ମଧ୍ୟରେ ଜୀବନ ବିତାଉଛନ୍ତି। ଏ ସମ୍ପର୍କରେ କଳା ସଂସ୍କୃତି ବିଭାଗ ଓ ସରକାର ହୃଦୟଙ୍ଗମ କରିବା ଦରକାର। ମାତ୍ର ବିଡ଼ମ୍ବନାର ବିଷୟ, ସରକାର କଳା ସଂସ୍କୃତି ବିକାଶ ଓ ଓଡ଼ିଆ ଜାତିର ଅସ୍ମିତାର ସୁରକ୍ଷା କଥା କହିଲା ବେଳେ କଳାକାରମାନଙ୍କ ପ୍ରତି ଏ ବେଦରଦୀ ମନୋଭାବ କାହିଁକି କରି ଚାଲିଛନ୍ତି ଯାହା ଚିନ୍ତାର ବିଷୟ ହୋଇଛି। ପୂର୍ବ ସରକାର ୨୦୨୧-୨୨ରେ କଳାକାର ଭତ୍ତା ପାଇଁ ଦରଖାସ୍ତ ଆହ୍ୱାନ କରି ଅଡିଶନ କରି ଭତ୍ତା ଦେବା ପାଇଁ ରାଜକନିକା ବ୍ଲକରୁ ୫୩ ଜଣ ସିଲେକ୍ସନ କରିଥିଲେ। ସେହି ତାଲିକାରେ ଜଣେ କଳାକାରଙ୍କ ମୃତ୍ୟୁ ପରେ ଭତ୍ତା ଦେଇଛନ୍ତି। ଅନ୍ୟ ଜଣଙ୍କର ମୃତ୍ୟୁ ମଧ୍ୟ ହୋଇସାରିଛି। ଆଉ ୫୧ ଜଣ କଳାକାର ଭତ୍ତା ଲାଗି ଚାତକ ପରି ଚାହିଁ ରହିଛନ୍ତି। ମାତ୍ର ଆକାଶଛୁଆଁ ବଜାର ଦରରେ ଯାହା ଯଥେଷ୍ଟ ହେଉ ନ ଥିବାରୁ ମାସିକ ଭତ୍ତାର ପରିମାଣ ୧୦ ହଜାର ଟଙ୍କାକୁ ବୃଦ୍ଧି କରାଯାଉ, କଳାକାରମାନଙ୍କୁ ସାମାଜିକ ସୁରକ୍ଷା ଓ ସ୍ୱାସ୍ଥ୍ୟବୀମା ଯୋଗାଇ ଦିଆଯାଉ। ରାଜକନିକା ବ୍ଲକରେ କଳାର ବିକାଶ ପାଇଁ ଏକ କଳା ବିଦ୍ୟାଳୟ ସ୍ଥାପନ କରିବା ସହ ଏକ କଳା ସଂସ୍କୃତି ଭବନ ସ୍ଥାପନ କରି କଳାକାରମାନଙ୍କୁ ଉତ୍ସାହିତ କରାଯାଉ ବୋଲି ଦାବି କରି କଳାକାର ସଂଘର ସଦସ୍ୟମାନେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ କନିକା ତହସିଲଦାରଙ୍କ ଜରିଆରେ ଦାବିପତ୍ର ପ୍ରଦାନ କରିଛନ୍ତି। ଏହି ସମୟରେ ସମ୍ପାଦକ ଯୋଗେଶ୍ୱର ପ୍ରଧାନ, ଗୟାଧର ନାଥ, ସବିତା ବରଜ, ଅମର କୁମାର ପ୍ରଧାନ, କ୍ଷୀରୋଦ ସେଠୀ, ଗଣେଶ୍ୱର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।



ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ତହସିଲଦାରଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

# ମା' କନିକେଶ୍ୱରୀ ନବରାତ୍ରରେ ୯ ବେଶ




ରାଜକନିକା, ୮।୧୦ (ସଞ୍ଜୟ କୁମାର ଦାଶ)

କେନ୍ଦ୍ରାପଡ଼ା ଜିଲା ରାଜକନିକା ବ୍ଲକର ମା' କନିକେଶ୍ୱରୀ ଦୁର୍ଗାଙ୍କ ପୀଠରେ ନବଦିନାତ୍ମକ ନବରାତ୍ର ପୂଜା ଗତ ୩ ତାରିଖରୁ ଆରମ୍ଭ ହୋଇଯାଇଛି। ଆଗାମୀ ୧୨ତାରିଖରେ ପୀଠେ ଦଶହରା ପର୍ବରେ ପୂର୍ଣ୍ଣାହୁତି ହେବ। ୧୯୫୯ ମସିହାରୁ ତତ୍କାଳୀନ ତହସିଲଦାରଙ୍କ ଦ୍ୱାରା ପ୍ରଥମକରି ରାଜକନିକାରେ ମା' ଦୁର୍ଗାଙ୍କ ମୃଣ୍ମୟୀ ମୂର୍ତ୍ତି ପୂଜା ଆରମ୍ଭ ହୋଇଥିଲା। ଦଶଭୁଜାରେ ପୂଜିତା ମା' ଆଜି ପଥର ମୂର୍ତ୍ତିରେ ପରିଣତ ହୋଇଛନ୍ତି। ଏହି ପୂଜା ଏବେ ୬୫ବର୍ଷରେ ପଦାର୍ପଣ କରିଛି। ୧୯୬୧ ମସିହାରେ ଏହି ପୂଜାରେ ସାଧାରଣ ଲୋକଙ୍କୁ ସାମିଲ କରାଯାଇଥିଲା। ସେହିଦିନଠାରୁ କନିକା ତହସିଲ, ରାଜକନିକା ବ୍ଲକ, ଥାନା, ଡାକ୍ତରଖାନା, ଅଗ୍ନିଶମ ବିଭାଗ, ବିଦ୍ୟୁତ୍ ବିଭାଗ ସମେତ ସମସ୍ତ ସରକାରୀ ତଥା ସାଧାରଣ ଲୋକଙ୍କ ଅନୁଦାନ ସହଯୋଗରେ ଦୁର୍ଗାପୂଜା ଉତ୍ସବ ପ୍ରତିବର୍ଷ ପାଳନ ହେଉଛି। ମା' କନିକେଶ୍ୱରୀଙ୍କ ପୂଜାରେ ଜାତି, ଧର୍ମ, ବର୍ଣ୍ଣ ଓ ଦଳମତ ନିର୍ବିଶେଷରେ ସମସ୍ତେ ମିଳିତ ଭାବେ ପାଳନ କରିଥାନ୍ତି। ସମୟାନୁକ୍ରମେ ୨୦୧୦ରେ ସ୍ଥାୟୀ ପୀଠରେ ମା'ଙ୍କର ପଥର ମୂର୍ତ୍ତି ସ୍ଥାପନା କରାଯାଇ ଦୈନନ୍ଦିନ ରୀତିନୀତି ଅନୁଯାୟୀ ପୂଜାବିଧି ଚାଲିଛି। ରାଜକନିକା ସାର୍ବଜନୀନ ଦୁର୍ଗାପୂଜା କମିଟି ପକ୍ଷରୁ ମା'ଙ୍କ ପାଖରେ ବର୍ଷ ତମାମ ନୀତିକାନ୍ତି ବିଧି ମୁତାବକ କରାଯାଇଥାଏ। ଦୁର୍ଗାପୂଜା ଭଳି ସାମ୍ବତ୍ସରିକ ପୂଜାକୁ କମିଟି ତତ୍ତ୍ୱାବଧାନରେ ୩ ତାରିଖଠାରୁ କନିକେଶ୍ୱରୀ ଦୁର୍ଗାଙ୍କ ନବ ଦିନାତ୍ମକ ପୂଜା ନବରାତ୍ର ପୂଜା ବିଧିରେ ସୂର୍ଯ୍ୟପୂଜା, ଗୋ-ପୂଜା, ଷୋଡ଼ଶ ଉପଚାର ପୂଜା, ଚଣ୍ଡୀପାଠ ଆଦି ଚାଲିଛି। ନବରାତ୍ର ଆରମ୍ଭରୁ ମା'ଙ୍କୁ ଶୈଳିପୁତ୍ରୀ, ବ୍ରହ୍ମଚାରିଣୀ, ଚନ୍ଦ୍ରଘଣ୍ଟା, କୁଷ୍ମାଣ୍ଡା, ସ୍କନ୍ଧମାତା, କାତ୍ୟାୟିନୀ, କାଳରାତ୍ରୀ, ମହାଗୌରୀ, ସିଦ୍ଧିଦାତା ଓ ଦଶହରା ଦିନ ଅପରାଜିତା ବେଶ କରାଯାଇ ଶ୍ରଦ୍ଧାଳୁମାନଙ୍କୁ ଦର୍ଶନ ଦେଇଥାନ୍ତି। ରାଜକନିକା ଦୁର୍ଗା ପଡ଼ିଆରେ ପ୍ରତିବର୍ଷ ପରି ଚଳିତବର୍ଷ ପାଲା, ଦାସକାଠିଆ, ଲୋକନୃତ୍ୟ, ମେଲୋଡି ଓ ଯାତ୍ରା ଆଦି ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ହେବ ବୋଲି କମିଟି ପକ୍ଷରୁ ସୂଚନା ମିଳିଛି। ତେବେ ପୂଜାରେ ଶାନ୍ତିଶୃଙ୍ଖଳା ଲାଗି ରାଜକନିକା ପୋଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିବା ଆଇଆଇସି ଦିଲୀପ କୁମାର ଧଳ କହିଛନ୍ତି।

୬୫ ବର୍ଷ ପଦାର୍ପଣ କଲା ରାଜକନିକା ସାର୍ବଜନୀନ ଦୁର୍ଗାପୂଜା କମିଟି



## ଏମାନେ କୁହନ୍ତି...



"ମା' କନିକେଶ୍ୱରୀ ପୀଠରେ ପୂଜାକୁ ଆଜି ୬୫ ବର୍ଷରେ ପଦାର୍ପଣ କରିଛି। କାଲି ଭଳି ଲାଗୁଛି, ହାଫ୍ ପ୍ୟାଣ୍ଟ ଗଞ୍ଜି ପିନ୍ଧି ସ୍କୁଲ ଜୀବନରେ ମା'ର ସେବା କରୁଥିଲି। ଆଜି ମଧ୍ୟ ସେବା ଅବ୍ୟାହତ ରଖିଛି।

-ବେଣୁଧର ପରିଡ଼ା
ବରିଷ୍ଠ କାର୍ଯ୍ୟକର୍ତ୍ତା ରାଜକନିକା ସାର୍ବଜନୀନ ଦୁର୍ଗାପୂଜା କମିଟି



"ମା'ର ସେବା କରୁ କରୁ ବହୁ କାଳ ବିତିଲାଣି। ମା'ଙ୍କ ଆଗମନରେ କାଶତଣ୍ଡୀ ଫୁଲ ପସରା ମେଲାଇଛି। ପାର୍ବଣରେ ରାଜକନିକାର ସମସ୍ତ ଲୋକଙ୍କ ମା' ମଙ୍ଗଳ ବିଧାନ କରନ୍ତୁ ଏତିକି କାମନା।

-ପ୍ରାଧ୍ୟାପକ ବୈକୁଣ୍ଠନାଥ ପରିଡ଼ା
ସଭାପତି, ରାଜକନିକା ସାର୍ବଜନୀନ ଦୁର୍ଗାପୂଜା କମିଟି



"ରାଜକନିକା ବ୍ଲକ ମୁଖ୍ୟାଳୟର ଏହି ଅନୁଷ୍ଠାନରେ ଅଞ୍ଚଳବାସୀଙ୍କ ଭାବାବେଗ ସହ ଜଡ଼ିତ ହୋଇ ରହିଛି। ମା' କନିକେଶ୍ୱରୀ ସମସ୍ତଙ୍କୁ ଆଶିଷ ପ୍ରଦାନ କରନ୍ତୁ।

-କପିଳେନ୍ଦ୍ର ମଲ୍ଲିକ
ସମ୍ପାଦକ, ରାଜକନିକା ସାର୍ବଜନୀନ ଦୁର୍ଗାପୂଜା କମିଟି



"ରାଜକନିକା ସାର୍ବଜନୀନ ଦୁର୍ଗାପୂଜା ୬୫ ବର୍ଷ ପୂର୍ଣ୍ଣ ହେଲା। କିନ୍ତୁ ମା'ଙ୍କର ସ୍ଥାୟୀ ମୂର୍ତ୍ତି ପ୍ରତିଷ୍ଠାକୁ ୧୫ ବର୍ଷ ପୂରିଲା। କାଲିପରି ଲାଗୁଥିଲେ ବି ଏହା ମଧ୍ୟରେ କେତେବେଳେ ଗୋଟିଏ ଯୁଗର ପରି ସମାପ୍ତି ଘଟିଯାଇଛି, ଜାଣି ହେଉନି। ତାଙ୍କ ଅଲୌକିକ ଶକ୍ତି ଅବର୍ଣ୍ଣନୀୟ, ସବୁକ୍ଷେତ୍ରରେ ଏହା ପରୀକ୍ଷିତ ହୋଇସାରିଛି।

-ମନୋଜ ସେନାପତି
ଉପସଭାପତି, ରାଜକନିକା ସାର୍ବଜନୀନ ଦୁର୍ଗାପୂଜା କମିଟି

## ସଂକ୍ଷେପରେ

### ପାଟିରେ ପେଟ୍ରୋଲ ଫୁଙ୍କିବା ମହଙ୍ଗା ପଡ଼ିଲା

**ଆଦର୍ଶ ବିଦ୍ୟାଳୟ ଛାତ୍ରଙ୍କ ମୁହଁ ଜଳିଗଲା**

**ସୁରଭି କାର୍ଯ୍ୟକ୍ରମରେ ଅଘଟଣ**

ନୟାଗଡ଼/ଓଡ଼ଗାଁ,୮।୧୦(ଲୋକ ନାଥ ମିଶ୍ର/ଆଦର୍ଶ କୁମାର ପଟ୍ଟନାୟକ):



ନୟାଗଡ଼ ଜିଲା ଓଡଗାଁ ରାଧାକାନ୍ତ ବାଳିକା ଉଚ୍ଚ ବିଦ୍ୟାଳୟରେ ମଙ୍ଗଳବାର ଆୟୋଜିତ ଓଡ଼ଗାଁ ବ୍ଲକସ୍ତରୀୟ ଶିଶୁ ମହୋତ୍ସବ ସୁରଭିରେ ଅଘଟଣ ଘଟିଛି । ପାଟିରେ ପେଟ୍ରୋଲ ଫୁଙ୍କି ନାନା କୌଶଳ ପ୍ରଦର୍ଶନ କରୁଥିବା ଜଣେ ପ୍ରତିଯୋଗି ତଥା ଓଡଗାଁ ଆଦର୍ଶ ବିଦ୍ୟାଳୟର ଅଷ୍ଟମ ଶ୍ରେଣୀର ଛାତ୍ର ଗୁରୁତର ଆହତ ହୋଇଛନ୍ତି । ଆହତ ଛାତ୍ରଙ୍କୁ ଗୁରୁତର ଅବସ୍ଥାରେ ପ୍ରଥମେ ଓଡ଼ଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା । ଅବସ୍ଥାରେ ଉନ୍ନତି ନ ଆସିବାରୁ ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି । ଏହି ଘଟଣା ବେଳେ ମଞ୍ଚରେ ନିଆଁ ଲାଗିବାର ସମ୍ଭାବନା ଥିଲା। ସେହିଭଳି ପାଖରେ ଥିବା ଛାତ୍ରୀଛାତ୍ର ମଧ୍ୟ ପେଟ୍ରୋଲ ନିଆଁରୁ ବର୍ତ୍ତି ଯାଇଛନ୍ତି । ଅଘଟଣ ଘଟିବାବେଳେ ସମସ୍ତେ ସ୍ତବ୍ଧ ହୋଇ ଯାଇଥିଲେ। ଏହି ଦୁଃସାହସିକ ଖେଳକୁ କିଏ ସୁରଭି କାର୍ଯ୍ୟକ୍ରମରେ ସାମିଲ କରିଥିଲେ ସେ ସମ୍ପର୍କରେ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହୋଇଛି ।

### ୩୫ ଲିଟର ଦେଶୀ ମଦ ଜବତ, ୩ ଜେଲ ଗଲେ

ନୟାଗଡ଼ ଅଫିସ,୮।୧୦ (ଲୋକନାଥ ମିଶ୍ର):

ନୟାଗଡ଼ ଟାଉନ ଥାନା ଓ ଇଟାମାଟି ଥାନା ପୋଲିସ ୩୫ ଲିଟର ଦେଶୀ ମଦ ଜବତ କରିବା ସହ ୩ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ଜାମିନ ନାମଞ୍ଜୁର ପରେ ୩ଜଣଙ୍କୁ ନୟାଗଡ଼ ସବ୍‌ଜେଲକୁ ପଠାଇ ଦିଆଯାଇଛି । ନୟାଗଡ଼ ଟାଉନ ଥାନା ପୋଲିସ ଖମାରସାହି ଶଶୀକାନ୍ତ ମହାନ୍ତି(୪୨)ଙ୍କ ଠାରୁ ନୟାଗଡ଼ ଅମରେନ୍ଦ୍ର ବଜାରରୁ ୨୦ ଲିଟର ଦେଶୀ ମଦ ଜବତ କରାଯାଇଛି । ଏନେଇ ୩୭୬/୨୪ରେ ମାମଲା ରୁଜୁ ହୋଇଛି । ସେହିପରି ଇଟାମାଟି ଥାନା ପୋଲିସ ୧୫ ଲିଟର ଦେଶି ମଦ ଜବତ କରି ୨ଜଣଙ୍କୁ ଗିରଫ କରିଛି ।

# ଆମ୍ବା ଯୋଜନାର ସୁଫଳ ମିଳୁନି

**ପ୍ରତି ପଞ୍ଚାୟତର ସଭ୍ୟ ନାହାନ୍ତି**

- ଜଣେ ସଭ୍ୟ ଚଞ୍ଚକତା କରି ଏକାଧିକ ଥର ରହୁଛନ୍ତି
- ଚାଷୀଙ୍କ ନାଁରେ ଅଣଚାଷୀ ନେଉଛନ୍ତି ଫାଇଦା
- ଜିଲା ମୁଖ୍ୟ କୃଷି ଅଧିକାରୀଙ୍କୁ ଫେରାଦ୍ ହେଲେ ଚାଷୀ

ନୟାଗଡ଼,୮।୧୦(ଲୋକନାଥ ମିଶ୍ର)

ନୟାଗଡ଼ ଜିଲାରେ ଆମ୍ବା ଯୋଜନାର ସୁଫଳ ମିଳୁନି । ଆମ୍ବା କମିଟିରେ ପ୍ରତି ପଞ୍ଚାୟତରୁ ସଭ୍ୟ ରହିବା ପାଇଁ ସରକାରୀ ଗାଇଡ୍ ଲାଇନ କହୁଥିବାବେଳେ ଅଧିକାଂଶ କମିଟିରେ ଜଣେ ବ୍ୟକ୍ତି ଚଞ୍ଚକତା କରି ଏକାଧିକ ବାର ସଭ୍ୟ ରହି ପାରୁଛନ୍ତି । ଚାଷୀଙ୍କ ନାମରେ ଅଣଚାଷୀ ସରକାରୀ ଯୋଜନାର ସୁଫଳ ନେଉଛନ୍ତି । ଏନେଇ ମଙ୍ଗଳବାର ନବ ନିର୍ମାଣ କୃଷକ ସଙ୍ଗଠନ ନେତୃତ୍ୱରେ ବାଲୁଗାଁ, କ୍ରୀଡାଶପୁର, କାଳିକାପ୍ରସାଦ, ଜେମାଦେଇପୁର, ଲାଠିପଡ଼ା, ଗମ୍ଭାଡ଼ି, ଇକିରି, ନୋତର ଓ କେନ୍ଦୁଡିପି ପଞ୍ଚାୟତର ଚାଷୀମାନେ ନୟାଗଡ଼ ଜିଲା ମୁଖ୍ୟ କୃଷି ଅଧିକାରୀଙ୍କୁ ଭେଟି ଆମ୍ବା ଯୋଜନାର ଅନିୟମିତତା ନେଇ ଫେରାଦ୍ ହୋଇଛନ୍ତି ।

ଅଭିଯୋଗ ଅନୁଯାୟୀ, ଆମ୍ବା ଯୋଜନାରେ ସରକାରଙ୍କ ଅନେକ କୋଟି ଟଙ୍କା ଅନୁଦାନ ଆସୁଛି । ଜିଲାର ଚାଷୀମାନେ ଏନେଇ ଅବଗତ ହେଉ ନ ଥିବା ବେଳେ ଅଣଚାଷୀ ଫାଇଦା ଉଠାଇ ଚାଲିଛନ୍ତି । କୃଷି ବିଭାଗର ଅଧିକାରୀ ଓ କର୍ମଚାରୀ ସରକାରୀ ଯୋଜନା ବିଷୟରେ ଚାଷୀଙ୍କୁ ଅବଗତ କରୁନାହାନ୍ତି। ଅସାଧୁ କର୍ମଚାରୀ ଓ ହିତାଧିକାରୀ ସରକାରୀ ଅନୁଦାନକୁ ମିଳିମିଶି ଲୁଟ୍ କରି ଚାଲିଛନ୍ତି । ଆମ୍ବା ଯୋଜନାର ନିୟମ ଅନୁଯାୟୀ ଆମ୍ବା କମିଟିରେ ପ୍ରତ୍ୟେକ ପଞ୍ଚାୟତର ଚାଷୀ ସଭ୍ୟ ରହିବେ । ସରକାରୀ ଅନୁଦାନ ବିଷୟରେ ଲୋକଙ୍କୁ ଅବଗତ କରାଇବେ। ତେବେ କିଛି ନିର୍ଦ୍ଦିଷ୍ଟ ଲୋକଙ୍କୁ ଆମ୍ବା କମିଟିରେ ବାରମ୍ବାର ସଭ୍ୟ କରି ରଖା ଯାଉଛି । ଜଣେ ବ୍ୟକ୍ତି ଦ୍ୱିତୀୟ ଥର ସଭ୍ୟ ରହିବାର ନିୟମ ନ ଥିଲେ ସୁଦ୍ଧା କିଛି ନିର୍ଦ୍ଦିଷ୍ଟ ଲୋକଙ୍କୁ ବାରମ୍ବାର ସଭ୍ୟ କରାଯାଉଛି। ଏଣୁ ଅଗ୍ରଣୀ ଚାଷୀମାନେ କମିଟିରେ ସଭ୍ୟ ହେବାରୁ ବଞ୍ଚିତ ହେଉଛନ୍ତି। ଆମ୍ବା ଚେୟାରମ୍ୟାନଙ୍କ ଇସାରା ଓ କେତେଜଣ ଅସାଧୁ ସରକାରୀ କର୍ମଚାରୀମାନଙ୍କ ସହଯୋଗରେ ହେଉଛି। ଏଣୁ ସରକାରଙ୍କ ଯୋଜନାର ଟଙ୍କା ଜିଲାରେ ବହୁ ବର୍ଷ ଧରି ବେଧଡ଼କ ଭାବେ ଲୁଟ୍ ଚାଲିଛି। ଚାଷୀଙ୍କୁ ବିଭିନ୍ନ ଜିଲାର ଚାଷୀଙ୍କ କ୍ଷେତ ପରିଦର୍ଶନ, କୃଷି ବିଜ୍ଞାନରେ ଚାଷ ସମ୍ବନ୍ଧୀୟ ତାଲିମ ପ୍ରଦାନ, ସରକାରଙ୍କର ପ୍ରଦର୍ଶନୀ ମେଳାକୁ ନେଇ ପ୍ରଦର୍ଶନୀ ଦେଖାଇ ଶିକ୍ଷାଦେବାର ବ୍ୟବସ୍ଥା ରହିଛି। ନୟାଗଡ଼ ଜିଲାରେ ଏହି ବ୍ୟବସ୍ଥା କାର୍ଯ୍ୟକାରୀ ହେଉଛି ତେବେ



କୃଷି ଅଧିକାରୀଙ୍କୁ ଜଣେ ଚାଷୀ ଦାବିପତ୍ର ପ୍ରଦାନ କରୁଛନ୍ତି ।

କିଛି ନିର୍ଦ୍ଦିଷ୍ଟ ଚାଷୀ ବାରମ୍ବାର ସୁବିଧା ନେଇ ଚାଲିଛନ୍ତି। ଏଣୁ ଚାଷୀମାନେ ହାତପାହନ୍ତାରେ ସୁବିଧା ପାଇବା ହାତଛଡା କରିଚାଲିଛନ୍ତି। ଗାଁରେ ବିହନ ବିଶୋଧନ କରିବା ପାଇଁ ସରକାର ଅନୁଦାନ ଯୋଗାଇ ଦେଉଛନ୍ତି । ତେବେ ଚାଷୀଙ୍କୁ ବିହନ ବିଶୋଧନର ଶିକ୍ଷା ଦିଆଯାଉନାହିଁ। ଚାଷୀ ପାଇଁ ଆସୁଥିବା ଟଙ୍କାର ହିସାବ ଖୋଜିଲେ ମିଳୁନି । ବିଭିନ୍ନ ଗ୍ରାମରେ କୃଷି ସଚେତନତା ଶିବିର ହେବାର ନିୟମ ରହିଥିଲେ ମଧ୍ୟ ପ୍ରକୃତ ତାହା ହେଉନାହିଁ। ଅଭିଯୋଗ, ପ୍ରତିକାର କଲେ ସୁଫଳ ମିଳୁନି । ଜିଲା ମୁଖ୍ୟ କାର୍ଯ୍ୟାଳୟଠାରୁ ମାତ୍ର ୧୦ରୁ ୧୨ କିମି ଦୂରତାରେ ଥିବା ପଞ୍ଚାୟତର ଚାଷୀ ସରକାରଙ୍କ କୌଣସି ସୁବିଧା ପାଉ ନ ଥିବାବେଳେ ଜିଲାର ସମସ୍ୟାକୁ ପଦାରେ ପକାଇଛି । ଏଣୁ ଏହାର ତଦନ୍ତ କରି ଦୁର୍ନୀତିଗ୍ରସ୍ତ ଅଧିକାରୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ନବନିର୍ମାଣ କୃଷକ ସଙ୍ଗଠନ ଦାବି କରିଛି ।

ଏନେଇ ନବନିର୍ମାଣ କୃଷକ ସଙ୍ଗଠନର ଜିଲା ସଭାପତି ରଣଜିତ ଦଳବେହେରା କୁହନ୍ତି, ମୋ ନେତୃତ୍ୱରେ ଜିଲା ମୁଖ୍ୟ ଜିଲା କୃଷି ଅଧିକାରୀ ସୁମନ ପଟ୍ଟନାୟକଙ୍କୁ ସ୍ମାରକପତ୍ର ଦିଆଯାଇଛି। ଚାଷୀ ଧ୍ରୁବଚରଣ ବେହେରା, କୃଷ୍ଣଚନ୍ଦ୍ର ମହାପାତ୍ର, ବିକ୍ରମ କୁମାର ସାହୁ, ଚୈତନ୍ୟ ସାହୁ, ଦାଶରଥୀ ଦଳବେହେରା, ଜଗନ୍ନାଥ ମହାପାତ୍ର, ଶ୍ରୀମତୀ ରାଉତ, ସୂର୍ଯ୍ୟକାନ୍ତ ପଟ୍ଟନାୟକ, ପ୍ରସନ୍ନ କୁମାର ପଟ୍ଟନାୟକ, ନରସିଂହ ସାହୁ, ନାରାୟଣ ଦାଶ, ସତ୍ୟଭାମା ସାହୁ, ମହରଗୀ ପ୍ରଧାନ, ମନୋଜ କୁମାର ଦଳବେହେରା, ଭୀମସେନ ମହାନ୍ତି ପ୍ରମୁଖ ଚାଷୀମାନେ ଉପସ୍ଥିତ ରହିଥିଲେ। ଏହାର ସୁଫଳ ନ ମିଳିଲେ ଚାଷୀ ଆନ୍ଦୋଳନ କରବେ ବୋଲି କହିଛନ୍ତି ।ତେବେ ଆମ ଅଭିଯୋଗକୁ ଜିଲା ମୁଖ୍ୟ କୃଷି ଅଧିକାରୀ ଶୁଣିବା ସହ ଏହାର ପ୍ରତିକାର କରିବାକୁ ପ୍ରତିଶ୍ରୁତି ଦେଇଛନ୍ତି ।

## ପାର୍ବଣ ଅବକାଶରେ ଚଳଚଞ୍ଚଳ ୪ ଗାଁ

- ରୁପା ଓ ପିତଳ ଶ୍ରୀମୁଖରେ ଦର୍ଶନ ଦେଉଛନ୍ତି ମା'କାଉଁରୀ
- ଚମ୍ପତିପୁରକୁ ଗଲେ ଚଳନ୍ତି ପ୍ରତିମା ରୁପା ଶ୍ରୀମୁଖ
- ଗୋବିନ୍ଦପୁରରେ ରହିଲେ ପିତଳ ଶ୍ରୀମୁଖ

ନୟାଗଡ଼ ଅଫିସ,୮।୧୦(ଲୋକନାଥ ମିଶ୍ର):

ମା'କାଉଁରୀ ଠାକୁରାଣୀଙ୍କ ଆଶ୍ୱିନ ପର୍ବ ନବପତ୍ରିକା ଅବସରରେ ନୟାଗଡ଼ ବ୍ଲକ୍ ଗଦାଧରପୁର, ଶୁକଳଗାଡିଆ, ଗୋବିନ୍ଦପୁର, ଚମ୍ପତିପୁର ଆଦି ୪ ଗାଁ ଚଳଚଞ୍ଚଳ ହୋଇଉଠିଛି । ମୌଳା ଅମାବାସ୍ୟା ପରଦିନ ପ୍ରତିପଦା ଠାରୁ ନବମୀ ପର୍ଯ୍ୟନ୍ତ ଗୋବିନ୍ଦପୁରରେ ମା'କାଉଁରୀ ଠାକୁରାଣୀ ଭିନ୍ନ ଭିନ୍ନ ବେଶରେ ଦର୍ଶନ ଦେଉଛନ୍ତି । ଚଳନ୍ତି ପ୍ରତିମା ତପ୍ତ ଷଷ୍ଠୀରେ ମଙ୍ଗଳବାର ରୁପା ଶ୍ରୀମୁଖରେ ଚମ୍ପତିପୁର ଗାଁକୁ ଯାଇଛନ୍ତି । ମା'ପିତଳ ଶ୍ରୀମୁଖରେ ଗୋବିନ୍ଦପୁରରେ ଭକ୍ତଙ୍କୁ ଭିନ୍ନ ଭିନ୍ନ ବେଶରେ ଦର୍ଶନ ଦେଉଛନ୍ତି । ମା' କାଉଁରୀ ଷଷ୍ଠ ଦିବସରେ ପିତଳ ଶ୍ରୀମୁଖରେ ଧୂମକେତୁ ରୂପରେ ଗୋବିନ୍ଦପୁରରେ ଦର୍ଶନ ଦେଇଛନ୍ତି । ମା'ଙ୍କ ବେଶ ଦେଖିବାକୁ ଭକ୍ତଙ୍କ ଭିଡ ଜମୁଛି । ମଙ୍ଗଳବାର ଭୋର ସମୟରେ ମାଜଣା, ସୂର୍ଯ୍ୟପୂଜା, ଚଣ୍ଡୀପାଠ କରାଯାଇ ଭୋଗ ଲାଗି ହୋଇଥିଲା । ପୂର୍ବାହ୍ନ ସାଢ଼େ ୧୦ଟାରେ ଅନ୍ନଭୋଗ ଓ ଅପରାହ୍ନ ୪ଟାରେ ଜାଲେରୀ ଭୋଗ, ସନ୍ଧ୍ୟା ୬ଟାରେ ଟେରାଭୋଗ, ୮ଟାରେ ନୀତି ଭୋଗ, ରାତିରେ ଶଙ୍ଖୁଡି ଭୋଗ ପରେ ପହଡ ପଡିଥିଲା।



ମା'କାଉଁରୀ ଠାକୁରାଣୀଙ୍କୁ ଶୋଭାଯାତ୍ରାରେ ନିଆଯାଉଛି ।

ପ୍ରତିପଦାରେ ମା'ରୁପା ଶ୍ରୀମୁଖ ଧାରଣ କରନ୍ତି । ତପ୍ତ ଷଷ୍ଠୀ ଅବସରରେ ମଙ୍ଗଳବାର ମା' ଗୋବିନ୍ଦପୁରସ୍ଥ ମନ୍ଦିରରେ କାଉଁରୀ ଠାକୁରାଣୀଙ୍କୁ ପୂଜାର୍ଚ୍ଚନା, ମନ୍ଦିରରେ ଘଟ ସ୍ଥାପନା, ବାମ୍ଫିରେ ପାଣି ତୋଳା, ପରେ ରୁପା ଶ୍ରୀମୁଖଙ୍କୁ ପୃଥକ କରାଯାଇଥିଲା। ମା' ପିତଳ ଶ୍ରୀମୁଖ ଧାରଣ କରିଥିଲେ । ରୁପା ଶ୍ରୀମୁଖଙ୍କୁ ଘଟ ଓ କଦଳୀ ଭଣ୍ଡା ଦ୍ୱାରା ସଜ୍ଜିତ କରାଯାଇଥିଲା। ମା' ୧୪ ଭରି ଓଜନର ସୁନା ଅଳଙ୍କାର ପରିଧାନ କରିଥିଲେ । ରୁପା ଶ୍ରୀମୁଖ ଆଟୋପ ଶୋଭାଯାତ୍ରାରେ ପାଇକ ଖେଳ ସହ ଚମ୍ପତିପୁର ଅଭିମୁଖେ ବାହାରିଥିଲେ । ବାଟରେ ଶୁକଳଗାଡିଆ ବ୍ରାହ୍ମଣ ଶାସନରେ ଶଙ୍ଖୁଡି ଭୋଗ ଓ ବାଳ ଭୋଗ ଲାଗି ହୋଇଥିଲା । ପୁଣି ଆଙ୍କୁଲେଇପାଟଣା ସାନ କାଉଁରୀ ମନ୍ଦିରରେ ଭୋଗ ପୂଜା ଲାଗି ପରେ ମା'ଚମ୍ପତିପୁରରେ ପହଞ୍ଚି ଭୋଗଖାଇ ବିଶ୍ରାମ ନେଇଥିଲେ। ମା'ଆସିବା ବାଟରେ ବିଭିନ୍ନ ସ୍ଥାନରେ ଭକ୍ତମାନେ କୁକୁଡା, ଛେଳି ବଳି ଦେଇଥିଲେ । ମା'୫ଦିନ ଚମ୍ପତିପୁରରେ ରହିବେ। ପ୍ରତିଦିନ ଚମ୍ପତିପୁରରେ ଦୁଇ ଥର ଶଙ୍ଖୁଡି ଭୋଗ, ୩ ଥର ବାଳ ଭୋଗ ହୁଏ । ଦଶହରା ସନ୍ଧ୍ୟାରେ ଠାକୁରାଣୀ ଗାଁ ଗାଁ ବୁଲି ଭୋଗ ଖାଇ କଦଳୀବସ୍ତ ପଡିଆରେ ପହଞ୍ଚନ୍ତି । ସେଠାରେ ଭୋଗ, ବଳି ଖାଇ ନିଜ ଆସ୍ଥାନ ଗୋବିନ୍ଦପୁରକୁ ଫେରନ୍ତି।ପ୍ରାୟ ୩୦୧ରୁ ଊର୍ଦ୍ଧ୍ୱ ବର୍ଷ ତଳେ ନୟାଗଡ଼ ରାଜାଙ୍କ ଉଦ୍ୟମରେ ମା'ଗୋବିନ୍ଦପୁରରୁ ଚମ୍ପତିପୁରକୁ ପାର୍ବଣ ଅବକାଶରେ ଆସୁଛନ୍ତି । ରୁପା ଶ୍ରୀମୁଖରେ ମା'୧୨୦ ଭରି ରୁପା ଓ ୧୪ ଭରି ଓଜନର ସୁନା ଅଳଙ୍କାର ପରିଧାନ କରନ୍ତି । ପାର୍ବଣ ପର୍ବ ଶେଷ ହେଲେ ଏହି ଅଳଙ୍କାର ଓ ରୁପା ପୁଣି ସାଇତି ରଖାଯାଏ। ଏନେଇ ଠାକୁରାଣୀଙ୍କ ଟ୍ରଷ୍ଟ ଅଜିତ କୁମାର ଶତପଥୀ ଓ ଭକ୍ତ କୃଷ୍ଣଚନ୍ଦ୍ର ରଥ କୁହନ୍ତି, ତନ୍ତ୍ର ଦେବୀ କାମାକ୍ଷା ହୋଇଥିଲେ ହେଁ ମା'କାଉଁରୀ ରୁପେ ପରିଚିତ। ମା'ଙ୍କର ନବଦିନ ବେଶ ଦେଖିବାକୁ ଭକ୍ତଙ୍କ ଭିଡ଼ ହୁଏ । ପୁଣି ପାର୍ବଣ ପାଇଁ ଭିଡ଼ ବଢ଼ିଥାଏ। ମା'ଭକ୍ତର ମନ କଥା ବୁଝି ମାନସିକ ପୂରଣ କରିଥାନ୍ତି ।

## ମଣ୍ଡଳସ୍ତରୀୟ ସୁରଭି ଉଦ୍‌ଯାପିତ



ସୁରଭିର ଉଦ୍‌ଯାପନୀ ଉତ୍ସବରେ ସାମିଲ ହୋଇଥିବା ଛାତ୍ରୀଛାତ୍ର ।

ରଣପୁର,୮।୧୦ (ସୁକାନ୍ତ କିଶୋର ଡାକୁଆ):

ଶିଶୁମାନଙ୍କ ଲୁକ୍କାୟିତ ପ୍ରତିଭାର ବିକାଶ କରିବା ଉଦ୍ଦେଶ୍ୟରେ ସରକାରଙ୍କ ଦ୍ୱାରା ବିଦ୍ୟାଳୟ, କ୍ଲଷ୍ଟର, ମଣ୍ଡଳ, ଜିଲ୍ଲା ଓ ରାଜ୍ୟ ସ୍ତରରେ ସୁରଭି କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି। ଏହି ପରିପ୍ରେକ୍ଷୀରେ ମଙ୍ଗଳବାର ନୟାଗଡ଼ ଜିଲା ରଣପୁର ବ୍ଲକରେ ମଣ୍ଡଳସ୍ତରୀୟ ସୁରଭି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଉଦଘାଟନ ଉତ୍ସବରେ ମୁଖ୍ୟ ଅତିଥି ଭାବେ ନୟାଗଡ଼ ଜିଲା ପରିଷଦ ଅଧ୍ୟକ୍ଷ ଇଂ.ଦେବାଶିଷ ପଟ୍ଟନାୟକ, ସମ୍ମାନିତ ଅତିଥି ଭାବେ ଏମ୍‌ପିଙ୍କ ପ୍ରତିନିଧି ପ୍ରିୟବ୍ରତ ପ୍ରହରାଜ, ବ୍ଲକ ଅଧ୍ୟକ୍ଷା ନିର୍ମଳା ବେହେରା, ବଜେନ୍ଦ୍ର ଚନ୍ଦ୍ର ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଗୋପାଳକ୍ରିଷ୍ଣ ରାଉତ, ସହକାରୀ ବ୍ଲକ ଶିକ୍ଷା ଅଧିକାରିଣୀ ଶାନ୍ତିଲତା ଦେଇ ପ୍ରମୁଖ ଯୋଗ ଦେଇଥିଲେ । ବ୍ଲକ ଶିକ୍ଷା ଅଧିକାରିଣୀ ବନଲତା ବେହେରାଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା । ଅପରାହ୍ନରେ ନୟାଗଡ଼ ଜିଲ୍ଲାର ରଣପୁର ବିଜ୍ଞାପିତ ପରିଷଦରେ ଥିବା ବଜେନ୍ଦ୍ର ଚନ୍ଦ୍ର ଉଚ୍ଚ ବିଦ୍ୟାଳୟରେ ମଣ୍ଡଳସ୍ତରୀୟ ସୁରଭି ଉଦଯାପାନୀ କାର୍ଯ୍ୟକ୍ରମରେ ବାଚସ୍ପତି ସୁରମା ପାଢ଼ୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ସଙ୍ଗୀତ ଓ ନୃତ୍ୟ ମାଧ୍ୟମରେ ଅତିଥିମାନଙ୍କୁ ସ୍ୱାଗତ କରାଯାଇଥିଲା । ଛାତ୍ରୀଛାତ୍ରମାନେ ଫୁଲ ଚନ୍ଦନ, ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ଅତିଥିଙ୍କୁ ସମ୍ମାନୀତ କରିଥିଲେ । ଏହି କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀମାନେ ବକ୍ତୃତା, ପ୍ରବନ୍ଧ, ଚିତ୍ରକଳା, କୁଇଜ, ସଙ୍ଗୀତ ଆଦି ପ୍ରତିଯୋଗିତାରେ ଭାଗ ନେଇଥିଲେ । ଅନ୍ୟ ଅତିଥିମାନଙ୍କ ମଧ୍ୟରେ ରଣପୁର ବିଜ୍ଞାପିତ ପରିଷଦ ଅଧ୍ୟକ୍ଷ ରଙ୍ଗୀନ ମହାନ୍ତି, ବ୍ଲକ ଶିକ୍ଷାଧିକାରୀ ବନଲତା ବେହେରା, ଗୋପାଳପୁର ଜିଲ୍ଲା ପରିଷଦ ସଭ୍ୟା ଲକ୍ଷ୍ମୀପ୍ରିୟା ତରେଇ, ବଜେନ୍ଦ୍ର ଚନ୍ଦ୍ର ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଗୋପାଳକ୍ରିଷ୍ଣ ରାଉତରାୟ, ସହକାରୀ ବ୍ଲକ ଶିକ୍ଷା ଅଧିକାରିଣୀ ଶାନ୍ତିଲତା ଦେଇ, ରସାନନ୍ଦ ପ୍ରଧାନ, ବସନ୍ତ କୁମାର ରାଉତ ପ୍ରମୁଖ ଯୋଗ ଦେଇଥିଲେ । ବିଭିନ୍ନ ପ୍ରତିଯୋଗିତାରେ ଭାଗ ନେଇଥିବା ପିଲାମାନଙ୍କୁ ଅତିଥିମାନେ ମାନପତ୍ର ଓ ଟ୍ରଫି ଦେଇ ପୁରସ୍କୃତ କରିଥିଲେ ।

## ମଣ୍ଡଳସ୍ତରୀୟ ଶିଶୁ ମହୋତ୍ସବ ସୁରଭି

ଦଶପଲ୍ଲା,୬।୧୦(ପ୍ରକାଶ କୁମାର ପାଣି):

ଦଶପଲ୍ଲା ବ୍ଲକ ଖମାରସାହି ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ମଣ୍ଡଳସ୍ତରୀୟ ଶିଶୁମହୋତ୍ସବ ସୁରଭି ଅନୁଷ୍ଠିତ ହୋଇଛି। ମୁଖ୍ୟ ଅତିଥି ଭାବେ ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରା, ସମ୍ମାନିତ ଅତିଥି ଭାବେ ଦଶପଲ୍ଲା ବ୍ଲକ ଅଧ୍ୟକ୍ଷା ସୁନନ୍ଦା ସାହୁ, ଏନ୍‌ଏସି ଅଧ୍ୟକ୍ଷା ପୁନମ ପ୍ରିୟଦର୍ଶିନୀ, ଜିଲା ଶିକ୍ଷା ଅଧିକାରୀ ରାଜଶ୍ରୀ ପଟ୍ଟନାୟକ, ଦଶପଲ୍ଲା ମଣ୍ଡଳ ଶିକ୍ଷାଧିକାରୀ ଭକ୍ତବିନୋଦ ଶଇ, ମୁଖ୍ୟବକ୍ତା ଭାବେ ପ୍ରଧାନ ଶିକ୍ଷୟିତ୍ରୀ କୁମୁଦିନୀ ଦେଇ ପ୍ରମୁଖ ଯୋଗଦାନ କରିଥିଲେ । ଶିକ୍ଷା ହେଉଛି ଜୀବନର ମାନଦଣ୍ଡ। ଆଜିର ଛାତ୍ରୀଛାତ୍ର କାଲିର ଭବିଷ୍ୟତ ବୋଲି ଅତିଥିମାନେ କହିଥିଲେ। ଶିକ୍ଷକ ବିଘ୍ନେଶ୍ୱର ବେହେରା ଅତିଥି ପରିଚୟ ପ୍ରଦାନ କରିଥିଲେ। ଅତିରିକ୍ତ ମଣ୍ଡଳ ଉନ୍ନୟନ ଅଧିକାରୀ ସାରଦା ପ୍ରସନ୍ନ ମହାନ୍ତି, ସ୍ଥାନୀୟ ସରପଞ୍ଚ ସନ୍ଧ୍ୟାରାଣୀ ବେହେରା, ସମିତିସଭ୍ୟା ମନୋରମା ବେହେରା, ବିଦ୍ୟାଳୟ ସଭାପତି ପ୍ରଫୁଲ୍ଲ ବିଶାଳଙ୍କ ସମେତ ୧୩ କ୍ଲଷ୍ଟରର ସିଆରସିମାନେ ଯୋଗଦାନ କରିଥିଲେ । ବିଭିନ୍ନ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କାର ପ୍ରଦାନ କରିଥିଲେ।

## ହିତାଧିକାରୀଙ୍କୁ ଭତ୍ତା ବଣ୍ଟନ

ଟିକିଟି,୮।୧୦( ପ୍ରକାଶ ଚନ୍ଦ୍ର ସାହୁ)

ଟିକିଟି ବ୍ଲକ ସମ୍ମିଳନୀ କକ୍ଷରେ ମଙ୍ଗଳବାର ଭତ୍ତା ବଣ୍ଟନ ମେଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥିଭାବେ ବିଧାୟକ ମନୋରଞ୍ଜନ ଦ୍ୟାନସାମନ୍ତରା ଯୋଗଦେଇ ହିତାଧିକାରୀଙ୍କୁ ଭତ୍ତା ବଣ୍ଟନ କରିଥିଲେ। ବ୍ଲକର ୧୭ଟି ପଞ୍ଚାୟତର ମୋଟ ୪୧୮ ହିତାଧିକାରୀ ଭତ୍ତା ପାଇଛନ୍ତି। ୧୪୭ ଜଣ ବାର୍ଦ୍ଧକ୍ୟ ଭତ୍ତା, ୧୧୬ ଜଣ ବିଧବା ଭତ୍ତା, ୪୭ ଭିନ୍ନକ୍ଷମ, ୯ ଜଣ ଅବିବାହିତା ଭତ୍ତା ପାଇଛନ୍ତି। ସେହିପରି ଜାତୀୟ ସାମାଜିକ ସହାୟିତା ଯୋଜନାରେ ୮୮ ଜଣ ବାର୍ଦ୍ଧକ୍ୟ ଭତ୍ତା ଓ ୧୧ ଜଣ ବିଧବା ଭତ୍ତା ପାଇଛନ୍ତି। କାର୍ଯ୍ୟକ୍ରମରେ ଟିକିଟି ବିଡ଼ିଓ ଲୋକ୍ସମନ ସୋରେନ, ସହକାରୀ ଯନ୍ତ୍ରୀ ଉଦୟନାଥ ପ୍ରଧାନ, ପ୍ରଶାନ୍ତ ପଣ୍ଡା, ସୁରେଶ କୁମାର ବେହେରା, ଜୟଦେବ ଚୌଧୁରୀ ଏବଂ ବ୍ଲକର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।

## ଜରାଜୀର୍ଣ୍ଣ ଅବସ୍ଥାରେ ଖଜୁରିପଦା ଡାକବଙ୍ଗଳା

ନୂଆଗଡ,୮।୧୦ (ଯୋଗ୍ୟବନ୍ତ ପରିଚ୍ଛା)

ଗଜପତି ଜିଲା ନୂଆଗଡ ବ୍ଲକ ଖଜୁରିପଦାଠାରେ ଥିବା ପୂର୍ତ୍ତ ବିଭାଗ ଡାକବଙ୍ଗଳା ଜରାଜୀର୍ଣ୍ଣ ଅବସ୍ଥାରେ ପଡିଛି। ଏହାକୁ ପୁନରୁଦ୍ଧାର ଲାଗି ସରକାର କିମ୍ବା ଜିଲା ପ୍ରଶାସନ ପଦକ୍ଷେପ ନେଉ ନ ଥିବା ଅଭିଯୋଗ ହେଉଛି। ପୂର୍ବରୁ ଅଧିକାରୀମାନେ ଜିଲା ପରିଦର୍ଶନରେ ଆସିଲେ ଏଠାରେ ରହୁଥିଲେ। ଡାକ ବଙ୍ଗଳାରେ ଜଣେ କନିଷ୍ଠ ଯନ୍ତ୍ରୀ, ଦୁଇ ଜଣ ପିଅନ ଓ ଜଣେ ରାତି ଜଗୁଆଳି ରହୁଥିଲେ। ପରିବେଶ ସଫାସୁତୁରା ରହୁଥିଲା। ବର୍ତ୍ତମାନ ସେଠି କେହି କର୍ମଚାରୀ ନ ଥିବାରୁ ତାଲା ଝୁଲୁଛି। ଏହାର ଚାରିପାଖ ଲଟାବୁଦାରେ ପରିପୂର୍ଣ୍ଣ ହୋଇଗଲାଣି। ସନ୍ଧ୍ୟା ହେଲେ ଅସାମାଜିକ ବ୍ୟକ୍ତିଙ୍କ ଆଡ୍ଡା ଏଠାରେ ଜମୁଛି। ଡାକବଙ୍ଗଳା ଭିତରେ କର୍ମଚାରୀଙ୍କ ରହିବା ଲାଗି ତିଆରି ହୋଇଥିବା ଘରଗୁଡ଼ିକ ମଧ୍ୟ ଭାଙ୍ଗିରୁଜି ଗଲାଣି। କେଉଁଠି ଛପର ଟିଣ କଣା ହୋଇ ପାଣି ଗଳୁଛି ତ କେଉଁଠି କାନ୍ଥର କିଛି ଅଂଶ ଭୁଶୁଡ଼ିପଡିଛି। ଆଉ କେଉଁ ଘରର କାନ୍ଥ ଫାଟି ଆଁ କରିଛି। ଏସମ୍ପର୍କରେବାରମ୍ବାର ବିଭାଗୀୟ ଅଧିକାରୀ ଓ ଜିଲା ଅଧିକାରୀଙ୍କୁ ସ୍ଥାନୀୟ ଯୁବଗୋଷ୍ଠୀ ଜଣାଇ ଆସୁଥିଲେ ମଧ୍ୟ କେହି ଶୁଣୁନାହାନ୍ତି। ଡାକବଙ୍ଗଳାର ପୁନରୁଦ୍ଧାର ଲାଗି ସାଧାରଣରେ ଦାବି ହେଉଛି। ଏନେଇ ବିଭାଗୀୟ ଅଧିକାରୀଙ୍କୁ ପଚାରିବା ଲାଗି ଯୋଗାଯୋଗ କରାଯାଇଥିଲେ ମଧ୍ୟ ସମ୍ଭବ ହୋଇପାରିନି।



ଅବହେଳିତ ଅବସ୍ଥାରେ ରହିଥିବା ଡାକବଙ୍ଗଳା।

# ଲାଠିପଡ଼ାରେ ଶିଶୁ ମହୋତ୍ସବ ସୁରଭି

**ଆମ ଲୋକକଳା ଆମ ପରିଚୟରେ ଛାତ୍ରୀଛାତ୍ର ଦେଖାଇଲେ ନିଜ ପ୍ରତିଭା**





ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ଛାତ୍ରୀଛାତ୍ରମାନେ ପ୍ରକଳ୍ପ ତିଆରି କରୁଛନ୍ତି ।

ନୟାଗଡ଼ ଅଫିସ,୮।୧୦(ଲୋକନାଥ ମିଶ୍ର):ନୟାଗଡ଼ ବ୍ଲକ୍‌ସ୍ତରୀୟ ଶିଶୁ ମହୋତ୍ସବ ସୁରଭି ନୟାଗଡ଼ ବ୍ଲକର ଲାଠିପଡା ହାଇସ୍କୁଲରେ ମଙ୍ଗଳବାର ଅନୁଷ୍ଠିତ ହୋଇ ଯାଇଛି । ଏହାକୁ ନୟାଗଡ଼ ବିଧାୟକ ଅରୁଣ କୁମାର ସାହୁ ଉଦ୍‌ଘାଟନ କରିଥିଲେ । ବ୍ଲକ ଶିକ୍ଷା ଅଧିକାରୀ ନିମାଇଁ ଚରଣ ପ୍ରଧାନଙ୍କ ପୌରୋହିତ୍ୟରେ ଆୟୋଜିତ ସଭାରେ ଜିଲା ପରିଷଦ ସଭ୍ୟ ସରୋଜ ରଣସିଂ, ଅତିରିକ୍ତ ବ୍ଲକ୍ ଶିକ୍ଷା ଅଧିକାରୀ ସଞ୍ଜୟ ମଲିକ ଓ ଶିକ୍ଷକ ନେତା ଏସ୍. ଏ. କାଲିକ ପ୍ରମୁଖ ଯୋଗ ଦେଇଥିଲେ । ଉଦ୍‌ଯାପନୀ ଉତ୍ସବରେ ଜିଲା ପରିଷଦ ସଭାପତି ଦେବାଶିଷ ପଟ୍ଟନାୟକ ଯୋଗ ଦେଇ ପୁରସ୍କାର ବଣ୍ଟନ କରିଥିଲେ । ଏଥିରେ ୧୫ କ୍ଲଷ୍ଟରରୁ ୧୪୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଭାଗ ନେଇଥିଲେ । ଛାତ୍ରୀଛାତ୍ର ଆମ ଲୋକକଳା ଆମ ପରିଚୟରେ ନିଜର ପ୍ରତିଭା ପ୍ରଦର୍ଶନ କରିଥିଲେ । ଓଡିଶାର ସଂସ୍କୃତି, ଲୋକକଳା ଏଥିରେ ପରିସ୍ଫୁଟିତ ହୋଇଥିଲା । ସେହିପରି ଦେଶାତ୍ମକ ବୋଧକ ସଙ୍ଗୀତ, ସାଧାରଣ ଜ୍ଞାନ, ସୃଜନଶୀଳ ଲେଖନ, ସାଂସ୍କୃତିକ କାର୍ଯ୍ୟକ୍ରମ, ପ୍ରବନ୍ଧ, ଚିତ୍ରାଙ୍କନ, ଆର୍ଟ ଆଣ୍ଡ କ୍ରାଫ୍ଟ ଓ କୁଇଜ ପରି ପ୍ରତିଯୋଗିତାରେ ଭାଗ ନେଇଥିଲେ । ବ୍ଲକ୍‌ସ୍ତରରୁ ଚୟନ ହୋଇଥିବା ପ୍ରକଳ୍ପ ଜିଲାସ୍ତରକୁ ପଠାଯାଇଛି । ପ୍ରଧାନଶିକ୍ଷକ ପ୍ରତାପ ଶତପଥି ଧନ୍ୟବାଦ ଦେଇଥିଲେ ।

# ଆଜିଠାରୁ ସୌରିକ ସାର୍ବଜନୀନ ଦୁର୍ଗାପୂଜା

## ମେଳା ଓ ଅପେରାର ମଜା ନେବେ ଖଣି ଅଞ୍ଚଳବାସୀ

କାଳିଆପାଣି,୮।୧୦(ଅସିତ ମହାନ୍ତ):

ଯାଜପୁର ଜିଲା କାଳିଆପାଣି ଖଣି ଅଞ୍ଚଳର ଏକମାତ୍ର ଉତ୍ସବ ସାର୍ବଜନୀନ ସୌରିକ ଦୁର୍ଗାପୂଜା ବୁଧବାରଠାରୁ ଆରମ୍ଭ ହେବ। ଏହା ୧୨ ଦିନ ଧରି ଚାଲିବ। ଗାଁସୋଳ ପଞ୍ଚାୟତର କଲରଙ୍ଗୀସ୍ଥିତ ଦୁର୍ଗାପୂଜା ପଡ଼ିଆରେ ଅନୁଷ୍ଠିତ ହେଉଥିବା ଏହି ପୂଜା ଏବେ ଗଣପର୍ବରେ ପରିଣତ ହୋଇଛି। ଦୂରଦୁରାନ୍ତରୁ ଲୋକେ ଆସି ପୂଜା ଦେଖୁଛନ୍ତି। ୪୦ ବର୍ଷରୁ ଊର୍ଦ୍ଧ୍ୱ ଏହା ଟାଟା କମ୍ପାନୀର ସୁକିନ୍ଦା ଖଣି କଲୋନୀ ପରିସରରେ ଅନୁଷ୍ଠିତ ହେଉଥିବାବେଳେ ଏହାର ସମସ୍ତ ଦାୟିତ୍ୱ କମ୍ପାନୀ ହତୁଲାଉଥିଲା। ମାତ୍ର କମ୍ପାନୀ ହାତରୁ ଖଣି ଲିଜ ହଟିଯିବା ଓ କରୋନା କାରଣରୁ ଟାଟାଷ୍ଟିଲ ପୂଜାକୁ ବନ୍ଦ କରିଦେବାକୁ ଯୋଜନା କରିଥିଲା। ଏହାପରେ ପୂଜାକୁ ବଞ୍ଚାଇ ରଖିବାକୁ ଖଣି ଅଞ୍ଚଳର ସାମାଜିକ କର୍ମୀ, ବୁଦ୍ଧିଜୀବୀ ଓ ଜନପ୍ରତିନିଧି ଆଗେଇ ଆସିଥିଲେ।

୨୦୨୦ରୁ ଏହି କାର୍ଯ୍ୟକ୍ରମ ଟାଟା ବଜାର ସମ୍ମୁଖରେ ଥିବା ପଡ଼ିଆ ରେ ଅନୁଷ୍ଠିତ ହେଉଛି। ଚଳିତ ବର୍ଷ ଏହାକୁ ଆହୁରି ସରସ ସୁନ୍ଦର କରାଯିବ ବୋଲି କମିଟି ପକ୍ଷରୁ ପ୍ରକାଶ କରାଯାଇଛି। ଆକର୍ଷଣୀୟ ତୋରଣ, ସୁନ୍ଦର ଆଲୋକ ମାଳାରେ ପଡ଼ିଆକୁ ସଜାଯାଇଛି। ମୀନା ବଜାର ସହିତ ବିଭିନ୍ନ ଦୋଳିର ମଜା ନେବେ ଅଞ୍ଚଳବାସୀ। ପ୍ରତିଦିନ ସନ୍ଧ୍ୟାରେ ସ୍ଥାନୀୟ କଳାକାରଙ୍କ ଦ୍ୱାରା ସୌରିକ ନାଇଟ, ଭଜନ ସନ୍ଧ୍ୟା, ପାରମ୍ପରିକ ନୃତ୍ୟ ଝୁମର, ସମ୍ବଲପୁରୀ ଓ ପୌରାଣିକ କଥାଚିତ୍ର ଉପରେ ନାଟକ ପରିବେଷଣ କରାଯିବ। ଚଳିତ ବର୍ଷ ରାବଣ ପୋଡ଼ିକୁ ଅଧିକ ଆକର୍ଷଣୀୟ କରାଯିବାକୁ ଯୋଜନା କରାଯାଇଛି। ୧୬ ତାରିଖଠାରୁ ୫ ଦିନ ଧରି ଅପେରା(ଯାତ୍ରା) ଅନୁଷ୍ଠିତ ହେବ। ୨୧ ତାରିଖରେ ମା'ଦୁର୍ଗାଙ୍କ ଭସାଣି ହେବ। ଏନେଇ କମିଟି ପକ୍ଷରୁ ସମସ୍ତ ପ୍ରସ୍ତୁତି ସରିସାରିଛି। ମନୋରଞ୍ଜନ ପାଇଁ ଖଣି ଅଞ୍ଚଳର ଏହା ଏକ ମାତ୍ର କାର୍ଯ୍ୟକ୍ରମକୁ ୭ ପଞ୍ଚାୟତର ଜନସାଧାରଣ ଅନାଇ ବସିଛନ୍ତି। କାର୍ଯ୍ୟକ୍ରମରେ ପ୍ରବଳ ଜନଗହଳି ହେବାକୁ ଦୃଷ୍ଟିରେ ରଖି କାଳିଆପାଣି ଥାନା ପକ୍ଷରୁ ବ୍ୟାପକ ପୋଲିସ ଫୋର୍ସ ମୁତୟନ କରାଯିବାର ବ୍ୟବସ୍ଥା କରାଯାଇଛି। ସ୍ଥାନୀୟ ଅଞ୍ଚଳର ଶତାଧିକ ଯୁବକଙ୍କୁ ସ୍ୱେଚ୍ଛାସେବୀ ଭାବେ ଯୋଗଦେବାକୁ ପ୍ରଶିକ୍ଷଣ ଦିଆଯାଇଛି। ଏହି ପୂଜା ସୁରୁଖୁରରେ ପରିଚାଳିତ ହେବ ବୋଲି କମିଟି ସଭାପତି ବିଶ୍ୱଜିତ ନାୟକ ଓ ସମ୍ପାଦକ ବିଦ୍ୟାଧର ପାତ୍ର ଆଶାବାଦୀ ଅଛନ୍ତି।




ଦୁର୍ଗାପୂଜା ପାଇଁ ନିର୍ମାଣ ହୋଇଥିବା ତୋରଣ ଓ ଆଲୋକସଜ୍ଜା।

# ଜାରକାରେ ୫ଦିନ ସାଂସ୍କୃତିକ ସନ୍ଧ୍ୟା

## ଶାରଦୀୟ ଦୁର୍ଗୋତ୍ସବ ପାଇଁ ବ୍ୟାପକ ପ୍ରସ୍ତୁତି

ଧର୍ମଶାଳା,୮।୧୦(ବଟକୃଷ୍ଣ ପରିଡ଼ା):

ଯାଜପୁର ଜିଲା ଧର୍ମଶାଳା ବ୍ଲକ ଜାରକା ଓ ଧର୍ମଶାଳା ବଜାରରେ ଶାରଦୀୟ ଦୁର୍ଗୋତ୍ସବ ପାଇଁ ଧର୍ମଶାଳା ପୂଜା ମହୋତ୍ସବ କମିଟି ପକ୍ଷରୁ ବ୍ୟାପକ ପ୍ରସ୍ତୁତି ଚାଲିଛି। ଜାରକା ମହୋତ୍ସବ ପୂଜା କମିଟି ପକ୍ଷରୁ ଜାରକା ମହୋତ୍ସବ ପଡ଼ିଆ ନିକଟସ୍ଥ ମଣ୍ଡପରେ ଦୁର୍ଗତିନାଶିନୀ ମା'ଦୁର୍ଗାଙ୍କ ମୃଣ୍ମୟୀ ମୂର୍ତ୍ତି ଓ ମଣ୍ଡପ ସାଜସଜ୍ଜା ଖୁବ୍ ଜୋରସୋରରେ ଆଗେଇ ଚାଲିଛି। ଚଳିତବର୍ଷ ଜାରକା ପୂଜା କମିଟି ପକ୍ଷରୁ ଦୁର୍ଗାପୂଜାକୁ ଅଧିକ ସରସ ସୁନ୍ଦର କରାଯାଇଛି । ୫ ଦିନ ବ୍ୟାପୀ ଅନୁଷ୍ଠିତ ହେବାକୁ ଥିବା ଦୁର୍ଗାପୂଜା ଅବସରରେ ପ୍ରତି ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ୯ ତାରିଖ ପୂଜା ମଣ୍ଡପରେ ମା'ଙ୍କ ଷଷ୍ଠୀ ପୂଜା ଓ ବେଲବରଣୀ କରାଯିବ । ୧୦ ତାରିଖ କଳସାଧିବାସ ଓ ମହାସପ୍ତମୀ ପୂଜା ଯଥାବିଧି ଅନୁଷ୍ଠିତ ହେବ । ସପ୍ତମୀ ପୂଜା ଗୁରୁବାର ଅପରାହ୍ନ ୫ଟାରେ ମତ୍ସ୍ୟ ଓ ପଶୁସମ୍ପଦ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଓ ଉଚ୍ଚଶିକ୍ଷା, କ୍ରୀଡ଼ା ଓ ଯୁବବ୍ୟାପର ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଅତିଥି ଭାବେ ଯୋଗଦେଇ ସାଂସ୍କୃତିକ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିବେ । ଏହି କାର୍ଯ୍ୟକ୍ରମରେ ଯାଜପୁର ଏମ୍ପି ରବୀନ୍ଦ୍ର ନାରାୟଣ ବେହେରା ଓ ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁ ଅତିଥିଭାବେ ଯୋଗଦେବେ । ଉଦ୍‌ଘାଟନ ପରେ ସନ୍ଧ୍ୟାରେ ବର୍ଣ୍ଣାଳୀ ହୋତାଙ୍କ ଦ୍ୱାରା ପରିବେଷିତ ସଙ୍ଗୀତର ତାଳେ ତାଳେ ଦାଣ୍ଡିଆ ନୃତ୍ୟ ପରିବେଷଣ କରାଯିବ । ଏହି ଦାଣ୍ଡିଆ ନୃତ୍ୟରେ ସ୍ଥାନୀୟ ଅଞ୍ଚଳର ଯୁବତୀ ଓ ମହିଳାମାନେ ଅଂଶଗ୍ରହଣ କରିବେ । ସେହିପରି ୧୧ ତାରିଖ ମଣ୍ଡପରେ ମହାଷ୍ଟମୀ ଓ ସନ୍ଧିପୂଜା କରାଯିବ। ସନ୍ଧ୍ୟାରେ ଦାଣ୍ଡିଆ ନୃତ୍ୟ ସହିତ ଓଲିଉଡ ଗାୟକ କୁଳଦୀପ ପଟ୍ଟନାୟକ ଓ ସାଥୀମାନଙ୍କ ଦ୍ୱାରା ସଙ୍ଗୀତ ପରିବେଷଣ କରାଯିବ। ୧୨ ତାରିଖ ମହାନବମୀ ପୂଜା ଓ ପୂର୍ଣ୍ଣାହୁତି କରାଯିବ । ନବମୀ ସନ୍ଧ୍ୟାରେ ଗାୟକ ସୋୟମ ପାଢ଼ୀ ଓ ସାଥୀମାନଙ୍କ ଦ୍ୱାରା ସଙ୍ଗୀତ ପରିବେଷଣ ଓ ଦାଣ୍ଡିଆ ନୃତ୍ୟ ପରିବେଷଣ ହେବ । ୧୩ ତାରିଖ ଦଶହରା ସନ୍ଧ୍ୟାରେ ଦୀପ୍ତିରେଖା ପାଢ଼ୀ ଓ ସାଥୀମାନଙ୍କ ଦ୍ୱାରା ସଙ୍ଗୀତ ପରିବେଷଣ କରାଯିବ । ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମ ପାଇଁ ଧର୍ମଶାଳା ମହୋତ୍ସବ ପଡ଼ିଆରେ ସମସ୍ତ ପ୍ରକାର ବ୍ୟବସ୍ଥା କରାଯାଇଛି ।

ଏନେଇ ମହୋତ୍ସବ ପୂଜା କମିଟି ପକ୍ଷରୁ ସୋମବାର ଅପରାହ୍ନରେ ସଭାପତି ରବୀନ୍ଦ୍ର କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ ସାଧାରଣ ସମ୍ପାଦକ ସତ୍ୟପ୍ରିୟ ମହାନ୍ତି, ଉପସଭାପତି ସର୍ବେଶ୍ୱର ବେହୁରା, ସହ ସମ୍ପାଦକ ଜିତେନ୍ଦ୍ର ରାଉତ, କୋଷାଧ୍ୟକ୍ଷ ଶରତ କୁମାର ଓଝା, ସଂଯୋଜକ ଦେବରାଜ ମିଶ୍ର, କାଶୀନାଥ ସାହୁ, ସବ୍ୟସାଚୀ ସୁନ୍ଦରରାୟ, ଅଜୟ ମହାପାତ୍ର, ରାଜକିଶୋର ଶତପଥୀ, କିଶୋର ନାୟକ, ବିଚିତ୍ର ସ୍ୱାଇଁ, ସୁଦାମ ବେହେରା, ତପନ ଷଡ଼ଙ୍ଗୀ, ସୁଧାଂଶୁ ଶେଖର ମହାନ୍ତି ପ୍ରମୁଖ ବହୁ ସଦସ୍ୟ ଯୋଗଦେଇଥିଲେ । ଏଥିରେ କର୍ମକର୍ତ୍ତା ଓ ସଦସ୍ୟମାନଙ୍କୁ ବିଭିନ୍ନ ଦାୟିତ୍ୱ ହସ୍ତାନ୍ତର କରାଯିବା ସହ ୫ ଦିନବ୍ୟାପୀ ପୂଜା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ପ୍ରଦାନ କରାଯାଇଥିଲା । ସେହିପରି ୭୭ତମ ଧର୍ମଶାଳା ଦୁର୍ଗାପୂଜା ପାଇଁ ଧର୍ମଶାଳା ବଜାରସ୍ଥିତ ପୂଜା ମଣ୍ଡପରେ ବ୍ୟାପକ ପ୍ରସ୍ତୁତି କରାଯାଇଛି । ୫ ଦିନ ବ୍ୟାପୀ ଅନୁଷ୍ଠିତ ମା'ଙ୍କ ପୂଜା ଅବସରରେ ପ୍ରତିଦିନ ସନ୍ଧ୍ୟାରେ ସଂକୀର୍ତ୍ତନ ପରିବେଷଣ କରାଯିବ । ୧୩ ତାରିଖ ଦଶହରା ସନ୍ଧ୍ୟାରେ ସୁନାମଧନ୍ୟ କଳାକାରମାନଙ୍କ ଦ୍ୱାରା ଭଜନ ଅନୁଷ୍ଠିତ ହେବ ବୋଲି କମିଟି ପକ୍ଷରୁ ସୂଚନା ଦିଆଯାଇଛି ।



ଜାରକା ବଜାର ପୂଜାମଣ୍ଡପରେ ମା' ଦୁର୍ଗାଙ୍କ ମୃଣ୍ମୟୀ ପ୍ରତିମା।

## ପ୍ରତିରକ୍ଷା ବିଭାଗରେ ବିଶିଷ୍ଟ ବୈଜ୍ଞାନିକ ଭାବେ ଜଗନ୍ନାଥ ନାୟକ ଅବସ୍ଥାପିତ

ନାଉଗାଁ,୮।୧୦(ସୁଧା ବେହୁରା):



ନାଉଗାଁ ବ୍ଲକ ଅନ୍ତର୍ଗତ ରୋହିଆ ପଞ୍ଚାୟତ ଅରଖକୁଦ ଗ୍ରାମର ଡ. ଜଗନ୍ନାଥ ନାୟକ ଭାରତ ସରକାରଙ୍କ ପ୍ରତିରକ୍ଷା ବିଭାଗ ଅଧୀନସ୍ଥ ପ୍ରତିରକ୍ଷା ଅନୁସନ୍ଧାନ ଓ ବିକାଶ ସଙ୍ଗଠନରେ ବିଶିଷ୍ଟ ବୈଜ୍ଞାନିକ ଭାବେ ପଦୋନ୍ନତି ପାଇଛନ୍ତି। ସେ ଏବେ ହାଇଦ୍ରାବାଦସ୍ଥିତ ଲେଜର ପ୍ରତିରକ୍ଷା ପ୍ରଣାଳୀ ବିକାଶ ପ୍ରତିଷ୍ଠାନର ନିର୍ଦ୍ଦେଶକ ଭାବେ କାର୍ଯ୍ୟ କରୁଛନ୍ତି। ଡ. ନାୟକ ଏହି ପଦବୀ ହାସଲ କରିବାରେ ଦ୍ୱିତୀୟ ଓଡ଼ିଆ ବୈଜ୍ଞାନିକ। ଜଣେ ମେଧାବୀ ଛାତ୍ର ଭାବେ ସେ ରୋହିଆ ଉଚ୍ଚ ବିଦ୍ୟାଳୟରୁ ମାଟ୍ରିକ, ସ୍ୱାମୀ ବିବେକାନନ୍ଦ ସ୍ମାରକୀ ମହାବିଦ୍ୟାଳୟରୁ ପଦାର୍ଥ ବିଜ୍ଞାନରେ ସ୍ନାତକ, ରେଭେନ୍ସା ବିଶ୍ୱବିଦ୍ୟାଳୟରୁ ଏମ୍‌ଏସ୍‌ସି ଓ ବାଙ୍ଗାଲୋରରୁ ପିଏଚ୍‌ଡି ଶିକ୍ଷା ଶେଷ କରିଛନ୍ତି। ନାୟକଙ୍କ ଦ୍ୱାରା ଲିଖିତ ୭୫ରୁ ଊର୍ଦ୍ଧ୍ୱ ଗବେଷଣାଧର୍ମୀ ପ୍ରବନ୍ଧ ବିଭିନ୍ନ ଜାତୀୟ ଓ ଅନ୍ତର୍ଜାତୀୟ ପତ୍ର ପତ୍ରିକାରେ ପ୍ରକାଶିତ ହୋଇଛି। ଏହି ପଦୋନ୍ନତି ଖବର ପାଇବା ପରେ ନାଉଗାଁ ଅଞ୍ଚଳରେ ଖୁସିର ଲହରୀ ଖେଳିଯାଇଛି। ବିଶେଷ କରି ରୋହିଆ ଉଚ୍ଚ ବିଦ୍ୟାଳୟର ପୁରାତନ ଛାତ୍ର ସଂସଦ ପକ୍ଷରୁ ସଭାପତି ଅର୍ଜୁନ ଚରଣ ରାଉତ, ଉତ୍ତମ ଚରଣ ଲେଙ୍କା, ପ୍ରତାପ କୁମାର ଲେଙ୍କା, ନଟବର ରାଉତ, ଅରୁଣ କୁମାର ରାଉତ, ଦେବେନ୍ଦ୍ର ନାଥ ରାଉତ, ଶିବ ଚରଣ ସ୍ୱାଇଁ, ଅନାଦି ଚରଣ ନାୟକ, ପଦ୍ମ ଚରଣ ରାଉତ ପ୍ରମୁଖ ଡ. ନାୟକଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ଗୋବର୍ଦ୍ଧନ



@ କାହ୍ନା



@ ରମେଶ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।



ମହାକାଳପଡ଼ା ବ୍ଲକ ଅଧୀନ ରାମନଗର ବଜାର ବଣିକ ସଂଘ ପକ୍ଷରୁ ୬୨ତମ ବାର୍ଷିକ ସାର୍ବଜନୀକ ଦୁର୍ଗା ପୂଜା ଉପଲକ୍ଷେ ତୋରଣ।

## ପାରାଦୀପ ବନ୍ଦରରେ ଚୂନପଥର ବୋଝେଇବେଳେ ଅଘଟଣ

# କ୍ରେନ୍ ଭାଙ୍ଗି ଜାହାଜ କ୍ଷତିଗ୍ରସ୍ତ



ଜାହାଜ ଉପରେ ଖସିପଡ଼ିଥିବା କ୍ରେନ୍।

ପାରାଦୀପ,୮।୧୦(ଶରତ ରାଉତ)

ପାରାଦୀପ ବନ୍ଦର ବହୁମୁଖୀ ବର୍ଥରେ ମଙ୍ଗଳବାର ଏକ ପଣ୍ୟବାହୀ ଜାହାଜ ଏମ୍. ଭି. ଆମ୍‌ନସି ମ୍ୟାକ୍ସିମସ୍‌ରେ ଚୂନପଥର ବୋଝେଇବେଳେ ଅଘଟଣ ଘଟିଛି। ବୋଥ୍ରା ଶିପିଂ ନାମକ କମ୍ପାନୀର କ୍ରେନ୍ ରଶି ଛିଡ଼ିଯିବାରୁ ତାହା ଭାଙ୍ଗି ଜାହାଜ ଉପରେ ପଡ଼ିଥିଲା। ଫଳରେ ଉକ୍ତ କ୍ରେନ ଉପରେ ଥିବା ପ୍ରାୟ ୧ ହଜାର କିଲୋରୁ ଅଧିକ ଓଜନର ଶିକୁଳି ଜାହାଜ ଉପରେ ପଡ଼ି ପାଣିକୁ ଖସିପଡ଼ିଥିଲା। ଏହାଦ୍ୱାରା ଜାହାଜ କ୍ଷତିଗ୍ରସ୍ତ ହୋଇଛି। କ୍ରେନ ଅପରେଟର ସାମାନ୍ୟ ଆହତ ହୋଇଛନ୍ତି। ତେବେ ଯେଉଁ ପରିସ୍ଥିତିରେ ଉକ୍ତ ଦୁର୍ଘଟଣା ଘଟିଥିଲା, ସେଥିରେ ଅପରେଟର ନିଶ୍ଚିତ ବିପଦରୁ ବର୍ତ୍ତିଗଲେ ବୋଲି ଆଲୋଚନା ହେଉଛି। ଆହତଙ୍କୁ ପୋର୍ଟ ହସ୍ପିଟାଲରେ ପ୍ରାଥମିକ ଚିକିତ୍ସା ପରେ ଘରକୁ ପଠାଇ ଦିଆଯାଇଛି। ଏଥିସହ ଯୁଦ୍ଧକାଳୀନ ଭିତ୍ତିରେ ଜାହାଜ ମରାମତି କରାଯିବା ସହ ସମ୍ପୃକ୍ତ କ୍ରେନ୍‌କୁ ସେଠାରୁ ଅପସାରଣ କରାଯାଇଛି।

# ବାସୁଦେବପୁରରେ ଷଣ୍ଢ ଆକ୍ରମଣ, ୪ ଆହତ

ପଟ୍ଟାମୁଣ୍ଡାଇ, ୮।୧୦(କଳ୍ପତରୁ ନାୟକ)

ପଟ୍ଟାମୁଣ୍ଡାଇ ଦୋଷିଆ ପଞ୍ଚାୟତ ବାସୁଦେବପୁର ଗାଁ ନିକଟରେ ମଙ୍ଗଳବାର ଏକ ବୁଲା ଷଣ୍ଢ ଆକ୍ରମଣରେ ୪ଜଣ ଗୁରୁତର ହୋଇଥିବାବେଳେ ୨ଜଣଙ୍କ ବାଇକ୍ ଭାଙ୍ଗି ଯାଇଛି। ଏଥିରେ ଜଣେ ଲୋକ ଗୁରୁତର ହୋଇପଡ଼ିଛନ୍ତି। କିଛିଦିନ ଧରି ଉକ୍ତ ଅଞ୍ଚଳରେ ମାରଣା ଷଣ୍ଢ ବୁଲିବା ସହ ଲୋକଙ୍କୁ ମାରିବାକୁ ଗୋଡାଉଥିଲା। ମଙ୍ଗଳବାର ଅପରାହ୍ନ ସାଢ଼େ ୪ଟାରେ ବାସୁଦେବପୁର ଗାଁର କେତେଜଣ ଲୋକ ସାଙ୍ଗ ହୋଇ ଷଣ୍ଢଟିକୁ ଘଉଡ଼ାଇ ଦେବାକୁ ଚେଷ୍ଟା କରିବା ବେଳେ ମାରଣା ଷଣ୍ଢ ସେମାନଙ୍କୁ ଆକ୍ରମଣ କରିଥିଲା। ଷଣ୍ଢ ଆକ୍ରମଣରେ ପ୍ରେମାନନ୍ଦ ଜୀବନ ଦାଶଙ୍କ ମୁଣ୍ଡ ଦେହରେ ଆଘାତ ଲାଗିଥିବା ବେଳେ କ୍ଷେତ୍ରବାସୀ ଦାସଙ୍କୁ ଟେକି ପୋଖରୀକୁ ପକାଇ ଦେଇଥିଲା। ସେହିପରି ଶ୍ୟାମସୁନ୍ଦରପୁର ଗ୍ରାମର କୁନା ମିଶ୍ରଙ୍କ ମୁଣ୍ଡରେ ଆଘତ ଲାଗି ଥିବାରୁ ତାଙ୍କୁ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ସେହିପରି ମୂଳଗାଇଁ ଗ୍ରାମର ବୀରକିଶୋର ନାୟକ ରାସ୍ତାରେ ବାଇକ୍ ରଖି ପଳାଇଯିବାରୁ ତାଙ୍କ ଗାଡ଼ିଟିକୁ ଭାଙ୍ଗି ଦେଇଛି। ଅନ୍ୟ ଜଣେ ବ୍ୟକ୍ତି ମଧ ଷଣ୍ଢ ଆକ୍ରମଣରେ ଆହତ ହୋଇ ଡାକ୍ତରଖାନାରେ ପ୍ରାଥମିକ ଚିକିତ୍ସା ପରେ ଫେରିଛନ୍ତି। ଷଣ୍ଢ ଭୟରେ ଲୋକମାନେ ବାହାରକୁ ବାହାରିବାକୁ ଭୟ କରୁଛନ୍ତି। ଏନେଇ ଲୋକେ ମାରଣା ଷଣ୍ଢଟିକୁ କିପରି ଘଉଡ଼ା ଯାଇ ପାରିବ ସେଥିପାଇଁ ୧୧୨ ନଂ.କୁ ଜଣାଇବାରୁ ସେମାନେ ୧୯୬୨ ନଂ. ପାଚାରିବାକୁ କହିଥିଲେ ବୋଲି ଗ୍ରାମବାସୀ କହିଛନ୍ତି। ପ୍ରଶାସନ ପକ୍ଷରୁ କୌଣସି ସହାୟତା ମିଳିନାହିଁ। ଏଥିନେଇ ସ୍ଥାନୀୟ ଲୋକମାନଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି।

# ହଟକେଶ୍ୱର ମହାଦେବ କ୍ଳବ୍ ପକ୍ଷରୁ ଏଥର ଜଳନ୍ଧର ବଧ



ବିରାଜିବେ ମା'

- ଘୋଡ଼ାନାଚ, ସଙ୍ଗୀତ, ନୃତ୍ୟ ପ୍ରତ୍ୟେକଙ୍କୁ ବାନ୍ଧି ରଖିବ
- ରୀତିନୀତି ଅନୁଯାୟୀ ପୂଜାପାଠ ଉପରେ ଧ୍ୟାନ ଦିଆଯିବ

ଜଗତ୍‌ସିଂହପୁର, ୮।୧୦
(ପ୍ରମୋଦ କୁମାର ନାୟକ)



ଚଳିତବର୍ଷ ଜଗତ୍‌ସିଂହପୁର ସହରରେ ଦୁର୍ଗାପୂଜା ଧୁମ୍‌ଧାମରେ ପାଳନ ହେବାକୁ ଯାଉଛି। ଏ ନେଇ ବିଭିନ୍ନ କ୍ଲବ ଏବଂ ଦୁର୍ଗାପୂଜା କମିଟି ପକ୍ଷରୁ ବିଶେଷ ତତ୍ପରତା ପ୍ରକାଶ ପାଇଛି। ବର୍ତ୍ତମାନ ସୁଦ୍ଧା ଅନେକ ମୂର୍ତ୍ତି ନିର୍ମାଣ ଓ ରଙ୍ଗ କାମ ପ୍ରାୟ ଶେଷ ପର୍ଯ୍ୟାୟରେ ପହଞ୍ଚିଲାଣି। ଏଥିସହ ମେଢ଼, ଆଲୋକ ସାଜସଜ୍ଜା ଏବଂ ବାଦ୍ୟରୋଳ ଆଦି ଯେପରି ଅଧିକ ଲୋକାଦୃତ ହେବ ସେନେଇ ଉଦ୍ୟମ ଚାଲିଛି। ତେବେ ଚଳିତବର୍ଷ ଜଗତ୍‌ସିଂହପୁର ବଡ଼ବଜାର (ଖ) ସ୍ଥିତ ହଟକେଶ୍ୱର ମହାଦେବ କ୍ଲବ ପକ୍ଷରୁ ଜଳନ୍ଧର ବଧ ଉପରେ ଆଧାରିତ ମୂର୍ତ୍ତି ବେସ୍ ଲୋକାଦୃତ ହେବ ବୋଲି କମିଟିର କର୍ମକର୍ତ୍ତା ଆଶା ରଖିଛନ୍ତି। ଏଥିସହ ୭ମୀରୁ ୧୦ମୀ ପର୍ଯ୍ୟନ୍ତ ବିଭିନ୍ନ କାର୍ଯ୍ୟକ୍ରମ ହେବ। ବିଶେଷକରି ସପ୍ତମୀରେ ସଂସ୍କୃତି ଓ ପରମ୍ପରାକୁ ନେଇ ଘୋଡ଼ାନାଚ, ଅଷ୍ଟମୀରେ ସଙ୍ଗୀତ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ନବମୀ ଦିନ ଆକର୍ଷଣୀୟ ନୃତ୍ୟ ଲୋକମାନଙ୍କୁ ବେଶ୍ ମନୋରଞ୍ଜନ ଦେବ ବୋଲି ଆଶା ରହିଛି।

ଏ ସମ୍ପର୍କରେ କ୍ଲବ ପକ୍ଷରୁ କୁହାଯାଇଛି, ୧୯୬୮ରୁ ଦୁର୍ଗାପୂଜା ହୋଇ ଆସୁଛି। ଅନନ୍ତ ଚରଣ ସାହୁ, ବିରଞ୍ଚି ଶଙ୍କର ସାହୁ, ରଶ୍ମିକାନ୍ତ ସାହୁ, ପ୍ରଭାକର ସାହୁ, ଦୁର୍ଗାଚରଣ ବେହେରା, ଭରତ ନନ୍ଦି, ନରେନ୍ଦ୍ର ସାହୁ ପ୍ରମୁଖଙ୍କ ଉଦ୍ୟମରେ ଦୁର୍ଗାପୂଜା ଆରମ୍ଭ ହୋଇଥିଲା। ସେତେବେଳେ ଟାଇଲ ଘରେ ମା' ପୂଜା ପାଉଥିଲେ। କିନ୍ତୁ ଆଜି ବଡ଼କାଟିଆ ହୋଇପାରୁଛି। ବିରଞ୍ଚି ଶଙ୍କର ସାହୁ ଠାକୁର ମଣ୍ଡପ ପାଇଁ ଜମି ଦାନ କରିଛନ୍ତି। ବିଶେଷକରି ୧୫୦ରୁ ଅଧିକ ବ୍ୟବସାୟୀ ଓ ଗ୍ରାମବାସୀଙ୍କ ଅବଦାନ ଯୋଗୁ ଆଜି ଦୁର୍ଗାପୂଜା ଏ ସ୍ଥିତିରେ ପହଞ୍ଚି ପାରିଛି। ଅତୀତରେ ହରିହରପୁର ଗାଁର ନାମକୁ ସାର୍ଥକ କରିବାକୁ ହରିହର ଭେଟ ହେଉଥିଲା। ସମୟଚକ୍ରରେ ଦୁର୍ଗାପୂଜାକୁ ଧୁମଧାମ୍‌ରେ ପାଳନ କରିବାକୁ ଅଧିକ ଉଦ୍ୟମ ହୋଇଛି। ସପ୍ତମୀରୁ ଦଶମୀ ପର୍ଯ୍ୟନ୍ତ ରୀତିନୀତି ଅନୁଯାୟୀ ପୂଜାପାଠ କରାଯିବ ଏବଂ ଭସାଣି ମଧ ଭଲ ଭାବେ କରିବା ପାଇଁ ଯୋଜନା ରହିଛି। ତେବେ ଚଳିତବର୍ଷ ଜଳନ୍ଧର ବଧ ଶୀର୍ଷକ କାହାଣୀକୁ ନେଇ ମୂର୍ତ୍ତି ନିର୍ମାଣ କାମ ଅନ୍ତିମ ପର୍ଯ୍ୟାୟରେ ପହଞ୍ଚିଛି। ରାକ୍ଷସ ଜଳନ୍ଧରର ଉଚ୍ଚତା ୬ ଫୁଟ ରଖାଯାଇଛି। ମହାପ୍ରଭୁ ଶିବ ଓ ମା' ପାର୍ବତୀଙ୍କ ଉଚ୍ଚତା ୮ ଫୁଟ ଲେଖାଏ ରହିଛି। ଏଥିସହ ମା' ପାର୍ବତୀ, ଶିବଙ୍କ ବାହନ ଯଥାକ୍ରମେ ସିଂହ ଓ ବୃଷଭ ମୂର୍ତ୍ତି ନିର୍ମାଣ କରାଯାଇଛି। ସୁନ୍ଦର ମୂର୍ତ୍ତି ନିର୍ମାଣ ସାଙ୍ଗକୁ ମା'ଙ୍କ ମୁକୁଟ ଓ ଅଳଙ୍କାର ଆଦି ଲୋକଙ୍କୁ ଆକର୍ଷିତ କରିବ। ଏସବୁ କ୍ଲବର ସଭାପତି, ସମ୍ପାଦକ, ଉପସଭାପତି, ସହ ସମ୍ପାଦକଙ୍କ ସମେତ କ୍ଲବର ସମସ୍ତ ସଦସ୍ୟଙ୍କ ମିଳିତ ସହଯୋଗରେ ସମ୍ଭବ ହୋଇପାରୁଛି।

### ଏମାନେ କୁହନ୍ତି...

"ବଡ଼ବଜାରର ହଟକେଶ୍ୱର ମହାଦେବ ସମସ୍ତଙ୍କୁ ଆଶୀର୍ବାଦ କରନ୍ତୁ। ଆଶା ମହାଦେବ ଓ ମା' ପାର୍ବତୀ ପ୍ରତ୍ୟେକଙ୍କ ପରିବାରରେ ସୁଖ ଓ ସମୃଦ୍ଧି ଆଣି ଦିଅନ୍ତୁ। ଚଳିତବର୍ଷ ପୂଜା ଯଥାରୀତି ଅନୁଯାୟୀ ଅନୁଷ୍ଠିତ ହେବା ସାଙ୍ଗକୁ ଅଧିକ ଆକର୍ଷଣୀୟ ପାଇଁ ମନୋରମ ଆଲୋକସଜ୍ଜା ଉପରେ ଗୁରୁତ୍ୱ ଦିଆଯାଉଛି। ଏହି ଅବସରରେ ଲୋକେ ଯେପରି ହଟକେଶ୍ୱର ମହାଦେବ ଓ ପାର୍ବତୀଙ୍କୁ ଭଲ ଭାବେ ଦର୍ଶନ କରି ଖୁସି ଅନୁଭବ କରିପାରିବେ ସେନେଇ ଧ୍ୟାନ ଦିଆଯିବ। ତେବେ ଶାନ୍ତି ଓ ଶୃଙ୍ଖଳାର ସହ ପୂଜା ଓ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯିବ।

-ପ୍ରଦୀପ୍ତ ସାହୁ, ସଭାପତି, ବଡ଼ବଜାର (ଖ) ହଟକେଶ୍ୱର ମହାଦେବ କ୍ଲବ

"ପ୍ରତିବର୍ଷ ଏହି ଦୁର୍ଗାପୂଜା ନୂଆ ଅନୁଭୂତି ଆଣିଦିଏ। କ୍ଲବର ସଦସ୍ୟମାନଙ୍କ ମନରେ ଉତ୍କଣ୍ଠା ଭରିଦିଏ। ଭାବାବେଗ ପରିବେଶରେ ପ୍ରତ୍ୟେକ ଅପୂର୍ବ ଆନନ୍ଦ ଅନୁଭବ କରନ୍ତି। ବିଶେଷକରି ଯୁବଗୋଷ୍ଠୀଙ୍କ ଅବଦାନ ରହିଛି। ଚଳିତବର୍ଷ ଯେପରି ଦୁର୍ଗାପୂଜା ଶାନ୍ତି ଓ ଶୃଙ୍ଖଳାର ସହ ହେବ ସେନେଇ ପ୍ରତ୍ୟେକଙ୍କ ସହଯୋଗ କାମନା କରୁଛୁ।

-ପ୍ରଫୁଲ୍ଲ କୁମାର ମହାରଣା, ସମ୍ପାଦକ, ବଡବଜାର(ଖ) ହଟକେଶ୍ୱର ମହାଦେବ କ୍ଲବ

"ପ୍ରତିବର୍ଷ ବହୁ ସଂଖ୍ୟକ ଲୋକଙ୍କ ସମାଗମ ହୋଇଥାଏ। ଏଥିସହ ପୂଜା କ୍ଲବ ସଦସ୍ୟମାନଙ୍କ ମଧ୍ୟରେ ସମ୍ପର୍କ ସୁଦୃଢ଼ କରିଥାଏ। ଏହି ସମୟରେ ମା'ଙ୍କ ଆବିର୍ଭାବ ହେଉଥିବାରୁ ପାପ ନାଶଯାଏ।

-କୋଷାଧ୍ୟକ୍ଷ, ରବି ନାରାୟଣ ସାହୁ, ବଡ଼ବଜାର(ଖ) ହଟକେଶ୍ୱର ମହାଦେବ କ୍ଲବ

# କାର୍ଯ୍ୟକ୍ଷମ ହେଲା ନାହିଁ ଅତ୍ୟାଧୁନିକ ମାଛ ମାର୍କେଟ

ନୟାଗଡ଼,୮।୧୦(ଲୋକନାଥ ମିଶ୍ର):

ନୟାଗଡ଼ ଜିଲା ସଦର ମହକୁମାରେ ଗତ ଫେବୃଆରୀ ୨୩ରେ ଲୋକର୍ପଣ ହୋଇଥିବା ଅତ୍ୟାଧୁନିକ ମାଛ ମାର୍କେଟ କାର୍ଯ୍ୟକ୍ଷମ ହୋଇପାରିନି । ପୁଣି ମାଛ ମାର୍କେଟ ପରିସରରେ ଥିବା ଶୀତଳଭଣ୍ଡାର ମଧ୍ୟ ବ୍ୟବହାର ଅଭାବରୁ ଅଚଳ ହେବାକୁ ବସିଛି। ଅନ୍ୟପକ୍ଷେ ଚିହ୍ନଟ ହୋଇଥିବା ୪୬ ଜଣ ମାଛ ବ୍ୟବସାୟୀଙ୍କୁ ଲଟେରୀ ମାଧ୍ୟମରେ ମାଛ ପିଣ୍ଡି ଆବଣ୍ଟନ ମଧ୍ୟ ଗତ ଅକ୍ଟୋବର ୪ରେ ହୋଇପାରିନି । ଲୋକର୍ପଣର ୭ମାସ ପରେ ମାଛ ମାର୍କେଟ ପରିତ୍ୟକ୍ତ ଅବସ୍ଥାରେ ପଡି ରହିବା ଘଟଣା ପୌର ପ୍ରଶାସନର କାର୍ଯ୍ୟଦକ୍ଷତା ଉପରେ ପ୍ରଶ୍ନବାଚୀ ଲଗାଇଛି । ଏଣୁ ମାଛ ମାର୍କେଟ ଓ ଶୀତଳଭଣ୍ଡାର ପାଇଁ ବ୍ୟୟ ହୋଇଥିବା ୩ କୋଟି ୨୨ ଲକ୍ଷ ଟଙ୍କା ସରକାରୀ ଅନୁଦାନ ପାଣିରେ ପଡିଲା ବୋଲି ଅଭିଯୋଗ ହୋଇଛି ।

ନୟାଗଡ଼ ପରି ସହରରେ ଅତ୍ୟାଧୁନିକ ମାଛ ମାର୍କେଟ କାର୍ଯ୍ୟକ୍ଷମ ନ ହେବା ସାଧାରଣରେ ଅସନ୍ତୋଷ ସୃଷ୍ଟି କରିଛି । ୩ କୋଟି ୨୨ ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଇ ୬୦ ପିଣ୍ଡି ନିର୍ମାଣ କରାଯାଇଛି । ୪୬ ବ୍ୟବସାୟୀଙ୍କୁ ଚିହ୍ନଟ କରି ଅକ୍ଟୋବର ୪ରେ ଲଟେରୀ କରାଯାଇଥାନ୍ତା । ହେଲେ ବ୍ୟବସାୟୀମାନେ ଆସିଥିଲେ ମଧ୍ୟ ଲଟେରୀରେ ଭାଗ ନେଲେ ନାହିଁ । ଏଭଳିସ୍ଥଳେ ଅତ୍ୟାଧୁନିକ ମାଛ ମାର୍କେଟ



ଖାଲି ପଡିଥିବା ମାଛ ମାର୍କେଟ ।

ଥାଇ ବି ନୟାଗଡ଼ ସହରର ନୟାଗଡ଼ ସ୍ୱୟଂ ଶାସିତ ମହାବିଦ୍ୟାଳୟ ନିକଟରେ, ତ୍ରିନାଥ ଛକ, କଲେଜ ଲେନ୍ ସ୍କୁଲ ସମ୍ମୁଖ, ନୟାଗଡ଼ ଷ୍ଟେଟ ବ୍ୟାଙ୍କ ସମ୍ମୁଖ ଖଣ୍ଡପଡ଼ା ରୋଡ଼,ଖୋର୍ଦ୍ଧାରୋଡ ପରି ବିଭିନ୍ନ ସ୍ଥାନରେ ରାସ୍ତା କଡ଼ରେ ମାଛ, ମାଂସ, ଶୁଖୁଆ ପରି ବିଭିନ୍ନ ଆମିଷ ଦ୍ରବ୍ୟ ବିକ୍ରି ହେଉଛି । ରାସ୍ତାକଡ଼ରେ ଛେଳି ଓ କୁକୁଡ଼ାକୁ ମରା ଯାଉଛି । ରାସ୍ତାରେ ସ୍କୁଲ ଓ କଲେଜ ଛାତ୍ରୀଛାତ୍ର ଯିବାବେଳେ ମାଂସ କଟାଯିବା ଖରାପ ପ୍ରଭାବ ପକାଉଛି । ପୁଣି ବିକ୍ରି ହେଉଥିବା ମାଛ ଓ ମାଂସ କେତେ ଭଲ ତାର ବି ନମୁନା ଯାଞ୍ଚ ହେଉନି । ସହରର ବିଭିନ୍ନ ସ୍ଥାନରେ ମାଛ ବିକ୍ରି ହେବାରୁ ଏହାର ଦୁର୍ଗନ୍ଧ ବାହାରୁଛି । ଗୋଟିଏ ସ୍ଥାନରେ ମାଛ ମାର୍କେଟ ହେଲେ ଲୋକଙ୍କୁ ଆମିଷ କିଣିବା ସୁବିଧା ହେବ ।

ଏନେଇ ମାଛ ବ୍ୟବସାୟୀ ଇସାକ୍ ଖାଁ କୁହନ୍ତି, ମାଛ ବ୍ୟବସାୟୀଙ୍କ ପାଇଁ ପିଣ୍ଡି ନିହାତି ଦରକାର । ହେଲେ ନୂଆ ମାଛ ମାର୍କେଟରେ ପିଣ୍ଡି ତିଆରି ହୋଇନି। ଠିଆ ହୋଇ ମାଛ କାଟିବା ସମ୍ଭବ ନୁହେଁ। ସେହିଭଳି ମାଛ ଓ ଟଙ୍କା ଚୋରି ହେବାର ଭୟ ରହିଛି । ଏଣୁ ଦୁଇଟି ପିଣ୍ଡି ସମ୍ମୁଖରେ ବାଡ଼ ଦେବାକୁ ପଡିବ । ପୁଣି ଚିକେନ ମଟନ ବ୍ୟବସାୟୀଙ୍କ ପାଇଁ ଲମ୍ବାଳିଆ ଘର ଦରକାର । ପିଣ୍ଡି ଦରକାର ନାହିଁ। ଆମକୁ ଗତ ଅକ୍ଟୋବର ୪ରେ ଲଟେରୀରେ ଭାଗ ନେବାକୁ ଡାକିଥିଲେ। କିନ୍ତୁ ଆମ ପାଇଁ ଆନୁସଙ୍ଗିକ ସୁବିଧା ନ ଥିବାରୁ ଆମେ ଲଟେରୀରେ ଭାଗ ନେଲୁ ନାହିଁ । ଦଶହରା ଭିତରେ ଆମ ପାଇଁ ଆନୁସଙ୍ଗିକ ସୁବିଧା ଯୋଗାଇ ଦିଆଯିବ ବୋଲି ପ୍ରତିଶ୍ରୁତି ମିଳିଛି । ମାଛ ମାର୍କେଟର କାମ ଶେଷ କରି ଆମକୁ ହସ୍ତାନ୍ତର କରାଗଲେ ଆମେ ସେଠାକୁ ଯାଇ ମାଛ

- ବ୍ୟବହାର ଅଭାବରୁ ଶୀତଳଭଣ୍ଡାର ଅଚଳ ହେବା ଆଶଙ୍କା
- ଲୋକାର୍ପଣର ୭ମାସ ପରେ ବି ନାହିଁ ପଦକ୍ଷେପ
- ୬୦ ପିଣ୍ଡିକୁ ୪୬ ବ୍ୟବସାୟୀ ଚିହ୍ନଟରେ ଅଟକିଛି
- ବ୍ୟବସାୟୀ ନ ଆସିବାରୁ ଅଟକିଲା ଆବଣ୍ଟନ ବ୍ୟବସ୍ଥା
- ପାଣିରେ ପଡିଲା ୩ କୋଟି ୨୨ ଲକ୍ଷ ଟଙ୍କା

ବିକିବୁ ବୋଲି କହିଛନ୍ତି । ଏନେଇ ଜଣେ ମାଛ ବ୍ୟବସାୟୀ ନିଜ ନାମ ଗୋପନ ରଖି କହିଛନ୍ତି ମାଛ ମାର୍କେଟ ଭଲରେ ତିଆରି ହୋଇଛି । ହେଲେ ମାଛ ଓ ମାଂସ ବ୍ୟବସାୟୀଙ୍କ ସହ ଆଲୋଚନା କରି ପିଣ୍ଡି ତିଆରି ହୋଇଥିଲେ ଏଭଳି ଅସୁବିଧା ହୋଇ ନ ଥାନ୍ତା । ସରକାରୀ ବାବୁମାନେ ମନଇଛା କାମ କରୁଥିବାରୁ ମାଛ ମାର୍କେଟ ପରି ଅନେକ ପ୍ରକଳ୍ପ ବିଫଳ ହେଉଛି। ଏବେ ପୁଣି ମାଛ ପିଣ୍ଡିର ପୁନରୁଦ୍ଧାର କରା ନ ଗଲେ ଏଠାକୁ ମାଛ ଓ ମାଂସ ବ୍ୟବସାୟୀ ଯିବେନି ବୋଲି କହିଛନ୍ତି । ମାଛ ମାର୍କେଟକୁ ଶୀଘ୍ର କାର୍ଯ୍ୟକ୍ଷମ କରିବାକୁ ପ୍ରୟାସ ଜାରି ରହିଛି ବୋଲି ନୟାଗଡ ମ୍ୟୁନିସିପାଲିଟିର ନିର୍ବାହୀ ଅଧିକାରୀ ସ୍ନେହଲତା ଆଚାର୍ଯ୍ୟ ପ୍ରକାଶ କରିଛନ୍ତି ।

# ଶବ୍ଦ ପ୍ରଦୂଷଣ ରୋକିବା ପାଇଁ ପଦକ୍ଷେପ

## ଶୃଙ୍ଖଳିତ ପୂଜା ଉପରେ ପୋଲିସର ଗୁରୁତ୍ୱ

ଖଣ୍ଡପଡ଼ା,୮।୧୦
(ଅଜୟ ମକୁମାର ମହାରଣା)

ପ୍ରତିବର୍ଷ ପରି ଚଳିତ ବର୍ଷ ଶାରଦୀୟ ଦୁର୍ଗାପୂଜା ପାଇଁ ଗ୍ରାମଠାରୁ ଆରମ୍ଭ କରି ସହର ପର୍ଯ୍ୟନ୍ତ ବିଭିନ୍ନ ପୂଜା କମିଟିର ସଦସ୍ୟମାନେ ପ୍ରସ୍ତୁତି ଆରମ୍ଭ କରିଛନ୍ତି । ନୟାଗଡ଼ ଜିଲା ଖଣ୍ଡପଡ଼ା ଥାନା ଅଧୀନ କଣ୍ଟିଲେ ଫାଣ୍ଡି ଅନ୍ତର୍ଗତ କଣ୍ଟିଲୋ, ବାଣପୁର ଓ ସିଧାମୂଳା ପଞ୍ଚାୟତର ବିଭିନ୍ନ ପୂଜା କମିଟି ପକ୍ଷରୁ ଏଥିପାଇଁ ଜୋରଦାର ପ୍ରସ୍ତୁତି ଚାଲିଛି । ତେବେ ଏହି ପୂଜା କିପରି ଶାନ୍ତିଶୃଙ୍ଖଳାରେ ଶେଷ ହେବ ସେଥି ପାଇଁ କଣ୍ଟିଲୋ ଫାଣ୍ଡି ଅଧିକାରୀ ସ୍ୱାଗତ କୁମାର ଦାଶଙ୍କ ପୌରୋହିତ୍ୟରେ ଏକ ପ୍ରସ୍ତୁତି ବୈଠକ ଫାଣ୍ଡି ପରିସରରେ ମଙ୍ଗଳବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ କଣ୍ଟିଲୋ, ବାଣପୁର ଓ ସିଧାମୂଳା ପଞ୍ଚାୟତର ବିଭିନ୍ନ ପୂଜା କମିଟି କର୍ମକର୍ତ୍ତାଙ୍କ ସମେତ ପ୍ରଭାକର ଶିରୋମଣି, ଶରତ ଚନ୍ଦ୍ର ମହାରଣା, ଶ୍ରୀପତି ମହାରଣା, ସରୋଜ କୁମାର ମିଶ୍ର, ପ୍ରକାଶ କୁମାର ନାୟକ, ଦିଲୀପ କୁମାର ସାହୁ, ଅଞ୍ଜନ କୁମାର ମହାରଣା, ରାମଚନ୍ଦ୍ର ମହାପାତ୍ର,



ଥାନା ପରିସରରେ ଆୟୋଜିତ ବେଠକରେ ପୂଜାକମିଟିର କର୍ମକର୍ତ୍ତା ଓ ଗ୍ରାମବାସୀ ।

ହେମନ୍ତ କୁମାର ସେଠୀ, ଦୁର୍ଯ୍ୟୋଧନ ମହାରଣା, ଶୁଭ୍ରାଂଶୁ ମହାରଣା, ମାଧବ ଚନ୍ଦ୍ର ସାହୁ, ରଜତ କୁମାର ଦାସ, ରାଘବ ଚନ୍ଦ୍ର ପ୍ରଧାନ, ସିଧାମୂଳା ଅଞ୍ଚଳର ପ୍ରମୁଖ ଯୋଗଦେଇଥିଲେ । ଚଳିତ ବର୍ଷ ଶାରଦୀୟ ଦୁର୍ଗାପୂଜା କିପରି ଆକର୍ଷଣୀୟ ହେବ ତାହା ଉପରେ ଆଲୋଚନା କରାଯାଇଥିଲା । ବିଶେଷ କରି କଣ୍ଟିଲୋ ଓ ଏହାର ଆଖପାଖ ଅଞ୍ଚଳର ବିଭିନ୍ନ ସାହିରେ ଆୟୋଜିତ ପୂଜା ଓ ମେଢ଼ ଦେଖିବା ପାଇଁ ପ୍ରତିଦିନ ପ୍ରବଳ ଗହଳି ହୋଇଥାଏ । ଲୋକମାନେ ପରିବାର ସହିତ ପୂଜାମଣ୍ଡପ ବୁଲି ଦେଖିଥାଆନ୍ତି । ଏହାଦ୍ୱାରା ଟ୍ରାଫିକ ସମସ୍ୟା ସୃଷ୍ଟି ହୋଇଥାଏ । ସେଥିପ୍ରତି ଦୃଷ୍ଟି ଦେଇ ଜନ ଗହଳିକୁ କିପରି ନିୟନ୍ତ୍ରିତ କରାଯାଇ ଟ୍ରାଫିକ ବ୍ୟବସ୍ଥାକୁ ବ୍ୟବସ୍ଥିତ କରାଯାଇ ପାରିବ ସେ ସମ୍ପର୍କରେ ଜନ କଲ୍ୟାଣ କ୍ଲବ ସଭାପତି ଶରତ ଚନ୍ଦ୍ର ମହାରଣା ଗୁରୁତ୍ୱାରୋପ କରିଥିଲେ । ଅପରପକ୍ଷେ ଭସାଣି ପାଇଁ ସମସ୍ତ ପୂଜା କମିଟି ପକ୍ଷରୁ ୭୨ ଘଣ୍ଟା ପୂର୍ବରୁ ପୋଲିସ ପ୍ରଶାସନକୁ ଲିଖିତ ଭାବେ ଅବଗତ କରାଯିବ । ଭସାଣି ପାଇଁ ନିର୍ଦ୍ଦିଷ୍ଟ ସମୟ ଓ ରୁଟ୍ ଚାର୍ଟ ପ୍ରସ୍ତୁତ କରାଯିବା ସହ ନିଶା ନିବାରଣ ଉପରେ ଗୁରୁତ୍ୱାରୋପ କରାଯାଇଥିବା ଫାଣ୍ଡି ଅଧିକାରୀ ସୂଚନା ଦେଇଥିଲେ । ଦୁର୍ଗା ପୂଜା ଉପଲକ୍ଷେ ଗ୍ରାମ ପରିବେଶ ସହିତ ଆଇନଶୃଙ୍ଖଳା ପରିସ୍ଥିତି ପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେବା ପାଇଁ ଫାଣ୍ଡି ଅଧିକାରୀ ଦାଶ ସୂଚନା ଦେଇଥିଲେ । ଭସାଣି ଉତ୍ସବ ନିର୍ଦ୍ଧାରିତ ସମୟ ରାତି ୧୦ଟା ପୂର୍ବରୁ ଶେଷ କରାଯିବ । ଭସାଣି ସମୟରେ ରାଜ୍ୟ ସରକାରଙ୍କ ପକ୍ଷରୁ ଡ଼ିଜେ ଉପରେ କଟକଣା ଲାଗୁ କରିଥିବାରୁ ଏଥିପାଇଁ ଗୁରୁତ୍ୱ ଦେବାକୁ ସମସ୍ତ ପୂଜା କମିଟି କର୍ମକର୍ତ୍ତାଙ୍କୁ ଅବଗତ କରାଯାଇଥିଲା । ଅନ୍ୟପକ୍ଷେ ପୂଜା ସମୟରେ ରାସ୍ତାରେ ଚଳାଚଳ କରୁଥିବା ବାଲି ବୋଝେଇ ହାଇୱା ଓ ଅନ୍ୟାନ୍ୟ ଗାଡ଼ି ଚଳାଚଳ ବନ୍ଦ କରିବାକୁ ଦାବି କରାଯାଇଥିଲା । ଏହି ବୈଠକରେ ଏଏସଆଇ ମନୋରଞ୍ଜନ ପଣ୍ଡା ଓ ଅନ୍ୟ ପୋଲିସ କର୍ମଚାରୀମାନେ ସହଯୋଗ କରିଥିଲେ।

ସେଲ୍ଫି କର୍ଣ୍ଣର ଧରିତ୍ରୀ
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
metroselfie@gmail.com



@ ଗୋବର୍ଦ୍ଧନ



@ କାହ୍ନା



@ ରମେଶ



@ ଶାନ୍ତିଲତା

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ନୀଳମାଧବ ପୀଠରେ ମା'ବିମଳାଙ୍କ ମହାକାଳୀବେଶ

ଖଣ୍ଡପଡ଼ା,୮।୧୦(ଅଜୟ କୁମାର ମହାରଣା):



ଜଗନ୍ନାଥ ସଂସ୍କୃତିର ଆଦିପୀଠ ନୀଳମାଧବ ପୀଠର ଇଷ୍ଟଦେବୀ ମା'ବିମଳାଙ୍କ ୧୬ପୂଜା ଦ୍ୱିତୀୟା ଓଷାଠାରୁ ଆରମ୍ଭ ହୋଇଯାଇଛି । ଏହି ପାରମ୍ପରିକ ପର୍ବ ମହାନବମୀ ପର୍ଯ୍ୟନ୍ତ ଚାଲୁରହିବ । ମହାଳୟା ଅମାବାସ୍ୟାଠାରୁ ମା'ଙ୍କର ନବରାତ୍ରୀ ପୂଜା ଆରମ୍ଭ ହେବା ସହ ପ୍ରତିଦିନ ଚଣ୍ଡୀପାଠ, ହୋମଯଜ୍ଞ କରାଯାଉଛି । ଉକ୍ତ ଯଜ୍ଞରେ କର୍ତ୍ତାଭାବେ ବ୍ରଜରାଜ ମିଶ୍ର ଓ ପୁରୋଧା ଭାବେ ଶ୍ରୀକାନ୍ତ ମିଶ୍ର ଦାୟିତ୍ୱ ନିର୍ବାହ କରୁଛନ୍ତି। ମଙ୍ଗଳବାର ୬ଷ୍ଠ ଦିବସ ଅବସରରେ ମା'ବିମଳାଙ୍କୁ ଭଦ୍ରକାଳୀ ବେଶରେ ସୁସଜ୍ଜିତ କରାଯାଇଛି । ମା'ଙ୍କ ନିକଟରେ ପ୍ରତିଦିନ ଖଇ,କୋରା, କାକରା, ଫଳମୂଳ, ବିରିକାନ୍ତି ଓ ଅନ୍ନଭୋଗ ଲାଗି କରାଯାଇଥାଏ । ଏହି ବେଶ ଦେଖିବା ପାଇଁ ଶତାଧିକ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା ।

# ବିଶ୍ୱଶାନ୍ତି ବୈଦିକ ମହାଯଜ୍ଞ ଉଦ୍‌ଘାଟିତ

## କଳସ ଶୋଭାଯାତ୍ରାରେ ଶତାଧିକ ମହିଳା,ପୁରୁଷ ସାମିଲ



ବିଶ୍ୱ ଶାନ୍ତି ବୈଦିକ ମହାଯଜ୍ଞ ଅବସରରେ ଆୟୋଜିତ କଳସ ଶୋଭାଯାତ୍ରା ।

ଖଣ୍ଡପଡ଼ା,୮।୧୦(ଅଜୟ କୁମାର ମହାରଣା)

କଣ୍ଟିଲୋ ପାଣ୍ଡୁସାହୁପାଟଣା ଆର୍ଯ୍ୟସମାଜ ପକ୍ଷରୁ ପ୍ରତିବର୍ଷ ଆୟୋଜିତ ହୋଇ ଆସୁଥିବା ବିଶ୍ୱଶାନ୍ତି ବୈଦିକ ମହାଯଜ୍ଞ ମଙ୍ଗଳବାର ୫୧ ବର୍ଷରେ ପଦାର୍ପଣ କରିଛି । ଏହି ଅବସରରେ ଗ୍ରାମବାସୀ ମହାସମାରୋହରେ ପାଳନ କରୁଛନ୍ତି ବିଶ୍ୱଶାନ୍ତି ମହାଯଜ୍ଞର ସୁବର୍ଣ୍ଣ ଜୟନ୍ତୀ । ମଙ୍ଗଳବାରଠାରୁ ଆରମ୍ଭ ହୋଇଥିବା ଏହି ମହାଯଜ୍ଞ ଆସନ୍ତା ୧୫ ତାରିଖ ପର୍ଯ୍ୟନ୍ତ ଚାଲିବ । ଏହି ଅବସରରେ ମଙ୍ଗଳବାର ପୂର୍ବାହ୍ନରେ ଏକ କଳସ ଶୋଭାଯାତ୍ରା ଆୟୋଜିତ ହୋଇଥିଲା । ଶତାଧିକ ମହିଳା ଓ ପୁରୁଷ ଗଙ୍ଗା ମନ୍ଦିର ମହାନଦୀ ଘାଟରୁ ଜଳ ନେଇ ଗ୍ରାମ ପରିକ୍ରମା କରିଥିଲେ । ଶେଷରେ ପାଣ୍ଡୁସାହୁ ପାଟଣା ଯଜ୍ଞସ୍ଥଳରେ ଜଳ କଳସୀ ସ୍ଥାପନ କରିଥିଲେ । ଏହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଛି । ସନ୍ଧ୍ୟା ଉପାସନା ପରେ ଅନୁଷ୍ଠାନର ସଭାପତି ସ୍ୱପ୍ନେଶ୍ୱର ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ପ୍ରବଚନ କାର୍ଯ୍ୟକ୍ରମରେ ଲକ୍ଷ୍ମଣ କୁମାର ଶାସ୍ତ୍ରୀ ପ୍ରବଚନ ପ୍ରଦାନ କରିଥିଲେ । ପରେ ଭୁବନେଶ୍ୱର ଆନନ୍ଦଧାରା ଭଜନ ସନ୍ଧ୍ୟା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ବୁଧବାର ଯଜ୍ଞ, ସନ୍ଧ୍ୟା ଉପାସନା ପରେ ସ୍ୱାମୀ ଆତ୍ମାନନ୍ଦ ସରସ୍ୱତୀ ଓ ଲକ୍ଷ୍ମଣ କୁମାର ଶାସ୍ତ୍ରୀଙ୍କ ଦ୍ୱାରା ପ୍ରବଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ଆୟୋଜକଙ୍କଠାରୁ ସୂଚନା ମିଳିଛି ।

# ଲୁକ୍କାୟିତ ପ୍ରତିଭାର ବିକାଶ ଶିଶୁ ମହୋତ୍ସବର ଲକ୍ଷ୍ୟ

## ଖଣ୍ଡପଡ଼ା ବ୍ଲକ୍‌ସ୍ତରୀୟ ଶିଶୁ ମହୋତ୍ସବ ସୁରଭି

ଖଣ୍ଡପଡ଼ା,୮।୧୦(ଅଜୟ କୁମାର ମହାରଣା):

ଲୁକ୍କାୟିତ ପ୍ରତିଭାର ବିକାଶ ଶିଶୁ ମହୋତ୍ସବ ସୁରଭିର ମୁଳ ଲକ୍ଷ୍ୟ । ଏହି ପରିପ୍ରେକ୍ଷୀରେ ଖଣ୍ଡପଡ଼ା ବ୍ଲକ୍ ଅଧୀନ ବେଣାଗାଡ଼ିଆ ଗ୍ରାମସ୍ଥିତ ସାତଗାଁ ବିଦ୍ୟାଧର ଉଚ୍ଚ ବିଦ୍ୟାଳୟ ପରିସରରେ ମଣ୍ଡଳସ୍ତରୀୟ ଶିଶୁ ମହୋତ୍ସବ ସୁରଭି କାର୍ଯ୍ୟକ୍ରମ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଖଣ୍ଡପଡ଼ା ଗୋଷ୍ଠୀ ଶିକ୍ଷାଧିକାରୀ କୈଳାସ ଚନ୍ଦ୍ର କରଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଖଣ୍ଡପଡ଼ା ବିଧାୟକ ଦୁଷ୍ମନ୍ତ କୁମାର ସ୍ୱାଇଁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଏହି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ । ସମ୍ମାନୀତ ଅତିଥି ଭାବେ, ସହକାରୀ ଗୋଷ୍ଠୀ ଶିକ୍ଷାଧିକାରୀ କଳିଙ୍ଗ ଚନ୍ଦ୍ର ନାୟକ, ଅନୁଷ୍ଠାନର ପ୍ରଧାନ ଶିକ୍ଷକ ହରିହର ଗୋଛି ପ୍ରମୁଖ ଯୋଗଦେଇ ଶିଶୁ ମହୋତ୍ସବ ସୁରଭି ଆୟୋଜନର ମୁଖ୍ୟ ଲକ୍ଷ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ । ଛାତ୍ରୀଛାତ୍ରମାନଙ୍କ




ଶିଶୁ ମହୋତ୍ସବ ସୁରଭି କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ।

ମଧ୍ୟରେ ଲୁଚି ରହିଥିବା ପ୍ରତିଭାର ବିକାଶ ମହୋତ୍ସବର ମୁଳ ଲକ୍ଷ୍ୟ ହେଉ ବୋଲି ବିଧାୟକ ମତ ଦେବା ସହ ସମସ୍ତ ଛାତ୍ରୀଛାତ୍ର ଜଣେ ଜଣେ ସୁନାଗରିକ ହେବାକୁ ପରାମର୍ଶ ଦେଇଥିଲେ । ସେହିପରି ଅପରାହ୍ନରେ ଆୟୋଜିତ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ନୟାଗଡ଼ ଜିଲା ପରିଷଦ ଅଧ୍ୟକ୍ଷ ଇଂ.ଦେବାଶିଷ ପଟ୍ଟନାୟକ, ମୁଖ୍ୟବକ୍ତା ଭାବେ ବରିଷ୍ଠ ଜିଲା ପରିଷଦ ସଭ୍ୟ ରାମେଶ୍ୱର ଶତପଥୀ, ସମ୍ମାନୀତ ଅତିଥି ଭାବେ ଜିଲା ପରିଷଦ ଉପାଧ୍ୟକ୍ଷା ବିଷ୍ଣୁପ୍ରିୟା ବେହେରା, ନୟାଗଡ଼ ଜିଲା ଶିକ୍ଷାଧିକାରୀ ରାଜଶ୍ରୀ ପଟ୍ଟନାୟକ, ସହକାରୀ ଗୋଷ୍ଠୀ ଶିକ୍ଷାଧିକାରୀ ନାରାୟଣ ଦାଶ, ପ୍ରଦୀପ କୁମାର ସାହୁ, ବେଣାଗାଡିଆ ସରପଞ୍ଚ ବଳରାମ ମଲିକ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଗଙ୍ଗାଧର ବେହେରାଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେଇଥିଲେ । ଏହି ଅବସରରେ ଆୟୋଜିତ ବିଭିନ୍ନ ପ୍ରତିଯୋଗୀତାରେ କୃତୀ ଛାତ୍ରୀଛାତ୍ରମାନଙ୍କୁ ଅତିଥିମାନେ ପୁରସ୍କାର ବିତରଣ କରିଥିଲେ । ବ୍ଲକ୍‌ସ୍ତରରେ ଆୟୋଜିତ ସୁରଭି ପ୍ରତିଯୋଗୀତାରେ ଯୋଗ୍ୟ ବିବେଚିତ ଛାତ୍ରୀଛାତ୍ରମାନେ ଜିଲାସ୍ତରୀୟ ସୁରଭି ପ୍ରତିଯୋଗୀତାରେ ଅଂଶ ଗ୍ରହଣ କରିବେ । ଶେଷରେ ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ସୁରଭି ମହୋତ୍ସବ ସୁପରିଚାଳନାରେ ଅନୁଷ୍ଠାନ କର୍ତ୍ତୃପକ୍ଷ, ଅନ୍ୟ ସମସ୍ତ ବିଦ୍ୟାଳୟର ଶିକ୍ଷୟିତ୍ରୀ, ଶିକ୍ଷକ ଓ ସିଆରସିସିମାନେ ସହଯୋଗ କରିଥିବା ବେଳେ ଶିକ୍ଷକ ସିଦ୍ଧାର୍ଥ କୁମାର ମହାପାତ୍ର ଓ ସଞ୍ଜୟ କୁମାର ବେହେରା କାର୍ଯ୍ୟକ୍ରମରେ ସଂଯୋଜନା କରିଥିଲେ ।

